
RNI No. : ODIODI/2015/64435
P.R. No. : CK(C)/96/2016-2018
www.pracheevoice.in

ଅପ୍ରେଲ୍ ୨୦୨୦
ମୂଲ୍ୟ : ୨୫ ଟଙ୍କା

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ
# PRACHEE





**ମୁଖ୍ୟ ଉପଦେଷ୍ଟା**
**କବି ଜୟନ୍ତ ମହାପାତ୍ର**



***ପ୍ରାଚୀ ପତ୍ରିକାର ସମସ୍ତ ଲାଭାଂଶ ବିଶ୍ୱ କଲ୍ୟାଣରେ ଖର୍ଚ୍ଚ କରାଯିବ***

**ବାସ୍ତବତାର ପରିପ୍ରକାଶ**

# ପ୍ରାଚୀ



**ସମ୍ପାଦକ :**
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**

**ଜୀ**ବନର ପରିଭାଷା ହେଉଛି ସାହିତ୍ୟ, ସୃଜନଶୀଳତା ଓ ବାସ୍ତବତା ନଥିଲେ ସାହିତ୍ୟ ବା ସଂସ୍କୃତି ଉତ୍କର୍ଷ ଲାଭ କରିପାରେନା । ସାହିତ୍ୟର କ୍ରମ ବିବର୍ତ୍ତନ ଅଛି । ଏହି ବିବର୍ତ୍ତନ ଜୀବନର ପରିବର୍ତ୍ତନ ସହିତ ସଂଶ୍ଳିଷ୍ଟ । ସାହିତ୍ୟକୁ ବୁଝିବାକୁ ହେଲେ ଆବଶ୍ୟକତା ପଡେ ପ୍ରୟାସର । ପ୍ରୟାସ ହେଉଛି ଜାଣିବାର ବୁଝିବାର ପ୍ରକୃଷ୍ଟ ମାଧ୍ୟମ । ସ୍ୱତଃସ୍ଫୁର୍ତ୍ତଭାବେ ମନଗହନରୁ ଭାସିଆସି ଲୋକମନକୁ ରଂଜିତ କରିପାରିଲେ ସାହିତ୍ୟ ସାର୍ଥକତା ପାଇଥାଏ । ସାହିତ୍ୟ ହେଉଛି ସମୁଦ୍ରପରି ଅପରିସୀମ ଓ ପରିବ୍ୟାପ୍ତ । ବିଭିନ୍ନ ରତ୍ନରେ ରତ୍ନଗର୍ଭା ମହାରଣ୍ୟ ପରି ସେ ଗଳ୍ପ, କବିତା, ନାଟକ, ପ୍ରବନ୍ଧ ରୂପକ ବୃକ୍ଷରାଜିରେ ପରିପୂର୍ଣ୍ଣ । ସ୍ରଷ୍ଟାର ଭାବ ଓ ଚେତନା ଉଭୟ ନିବିଡ ଭାବରେ ଛନ୍ଦାଛନ୍ଦି ହୋଇ ରହିଥାନ୍ତି । ଉଭୟ ଜଗତରୁ ଉପାଦାନ ସଂଗ୍ରହ କରାଯାଏ । ଯାହାକେବଳ ଭୌତିକ ଜଗତରୁ ସଂଗ୍ରହ କରାଯାଇ ପାରେନା । ତା'ର ସୃଷ୍ଟି ସମୁଦ୍ରର ଢେଉଭଳି ଶତଛନ୍ଦ ଭରା ଜହ୍ନୁଆ ଆକାଶ ଭଳି ସ୍ନିଗ୍ଧ ଓ ପ୍ରାଞ୍ଜଳ । ଛାଇ ଯେପରି ବସ୍ତୁର ସ୍ଥିତିକୁ ସୂଚାଇ ଦିଏ, ସ୍ରଷ୍ଟାର ସୃଷ୍ଟି ସୂଚାଇ ଦିଏ ସମାଜର ବ୍ୟକ୍ତିର ମନ ଆଉ ଭାବନାର ସ୍ଥିତିକୁ । କେହି କେବେ ଜନ୍ମରୁ ସ୍ରଷ୍ଟା ହୋଇନଥାଏ । ସାଧନା ଓ ପ୍ରୟାସର ମହାମିଳନରେ ଜଣେ ସ୍ରଷ୍ଟା ସଫଳରୂପାୟିତ ହୋଇଥାଏ । ସୃଜନଶୀଳତାର ଦ୍ୱିତଳ ପ୍ରାସାଦରେ ନିଜକୁ ହଜାଇ ସ୍ରଷ୍ଟା ସମାଜକୁ, ଦେଇଥାଏ ନୂତନ ସାହିତ୍ୟ, ଜୀବନର ସତ୍ୟ ଓ ବାସ୍ତବତାକୁ ସାହିତ୍ୟ କେବଳ ପ୍ରକାଶ କରେ ନାହିଁ, ଅଧିକନ୍ତୁ ଜୀବନକୁ ସତ୍ୟାଶ୍ରୟୀ ଓ ବାସ୍ତବ ବାଦୀ ହେବାକୁ ଶିକ୍ଷାଦିଏ ।

ମଣିଷର ହୃଦୟ ପ୍ରେମର ହୃଦୟ । ଯେତେବେଳେ ମାନବର ପ୍ରାଣସିନ୍ଧୁରେ ସୃଷ୍ଟିହୁଏ ସେବାର କଲ୍ଲୋଳ, ସେତେବେଳେ ମାନବର ହୃଦୟ ହୋଇଯାଏ ପ୍ରସାରିତ । ବିଶ୍ୱପ୍ରେମର ମନ୍ତ୍ରରେ ସେ ହୋଇଯାଏ ଅଭିମନ୍ତ୍ରିତ । ଭୁଲିଯାଏ ନିଜ ଜୀବନର ମାୟା ଓ ମମତା । ଦୀନ, ଦୁଃଖୀ, ରଙ୍କୀ, ଦଳିତ ନିଷ୍ପେସିତ ଆର୍ତ୍ତଚିତ୍କାର ତା'ର ବ୍ୟଥାବିଦ୍ଧ ପ୍ରାଣରେ ସୃଷ୍ଟିକରେ ସେବାର କଲ୍ଲୋଳ । ମାନବ ହେଉଛି ଭଗବାନଙ୍କର ଅମୂଲ୍ୟ ସୃଷ୍ଟି । ପ୍ରକୃତିକୁ ଉପଭୋଗ କରିବାକୁ ସ୍ରଷ୍ଟା ସୃଷ୍ଟି କଲେ ମାନବ । ମାତ୍ର ନିଜର ସୁଖ ସୁବିଧା ନିମିତ୍ତ ମାନବ ପ୍ରକୃତିକୁ ଧ୍ୱସ୍ତବିଧ୍ୱସ୍ତ କଲା । ପ୍ରକୃତି ଏବେ ବିନାଶର ଦ୍ୱାରରେ । ଏହି ମାନବ ଓ ପ୍ରକୃତିର ରକ୍ଷା ନିମିତ୍ତ ଆମର ସଂସ୍ଥା ସଂକଳ୍ପ ବଦ୍ଧ ।

ଅନନ୍ତ ସମୟର ଉତ୍‌ଥାନ ପତନ ସହ ଜଡିତ ଆମ ପତ୍ରିକା **'ପ୍ରାଚୀ'** ର ଷଷ୍ଠ ବର୍ଷର ପ୍ରଥମ ଅର୍ଘ୍ୟ ପ୍ରକାଶ ପାଇବାକୁ ଯାଉଛି । ପ୍ରାଚୀର ଅର୍ଥ ପୂର୍ବଦିଗ । ପୂର୍ବଦିଗର ଉଦିତ ସୂର୍ଯ୍ୟ ପରି **'ପ୍ରାଚୀ'** ଓଡ଼ିଆ ଭାଷା ସାହିତ୍ୟ ଆକାଶରେ ସୂର୍ଯ୍ୟ ରୂପେ ପ୍ରତିଭାତ ହେଉ ଏହାହିଁ ଆଶା ।

ନିଜର ବଳିଷ୍ଠ ଲେଖନୀ ମାଧ୍ୟମରେ ଓଡ଼ିଶାର ବାଣୀଭଣ୍ଡାର ବୀଣାକୁ ଝଂକୃତ କରିଥିବା କିଛି ସ୍ରଷ୍ଟାଙ୍କ ବୁଦ୍ଧିମନ୍ତ ସୃଷ୍ଟିକୁ ନେଇ **'ପ୍ରାଚୀ'**ର ଜନ୍ମ, ବାଗ୍ ଭୂଷଣରେ ଭୂଷିତ ଏହି ଶବ୍ଦ ସମ୍ରାଟମାନେ ଏକ ନୂତନ ଯୁଗର ଆହ୍ୱାନରେ ଶବ୍ଦ ଶଙ୍ଖର ଧ୍ୱନି ନାଦ କରିଛନ୍ତି ।

ସମଗ୍ର ଓଡ଼ିଶାବାସୀ ଭାଇ ଓ ଭଉଣୀମାନଙ୍କର ଶୁଭେଚ୍ଛା ଓ ଶୁଭକାମନାକୁ ନେଇ **'ପ୍ରାଚୀ'** ସାରା ଓଡ଼ିଶାରେ ପାଠକୀୟ ଆଦୃତି ଲାଭକରିବ ବୋଲି ଆଶା ।

**ସଂପାଦକ**

# ଓଁ 'ପ୍ରାଚୀ'ର କଲମ ୫୦

ପ୍ରାଚୀ ଏକ ସଂସ୍କୃତି ଓ ସଂସ୍କାର । ଏହା ଏକ ପ୍ରବାହ ଓ ପରିବର୍ତ୍ତନର ମୂଳ ଉତ୍ସ । ପ୍ରାଚୀ ସମାଜର ଭାବବିନ୍ଦୁ । ଏହା ଏକ ଅନ୍ତଃସ୍ରୋତା ଫଲ୍‌ଗୁ । ପ୍ରାଚୀ ସୃଷ୍ଟିର ଜୀବନୀ ଶକ୍ତିକୁ ଯୁଗେ ଯୁଗେ ସଞ୍ଜୀବିତ କରିଆସିଛି । ଏହା ଜନନୀ ରୂପେ କଲ୍ୟାଣମୟୀ, ମମତାମୟୀ ପୁଣି କରୁଣା , ଆଶୀର୍ବାଦ, ତ୍ୟାଗର କଲ୍ୟାଣମୟ ଅଭିବ୍ୟକ୍ତି । ପ୍ରାଚୀ ଏକ ସୁନ୍ଦର, କୋମଳ, ସରଳ, ପବିତ୍ର, ଶାନ୍ତ, ଧୀର, ସ୍ଥିର, ଭଦ୍ର, ନମ୍ର ଓ ଚିତ୍ତଆହ୍ଲାଦଦାୟୀ ନାମଟିଏ । ଏହା ଏକ ଚିନ୍ମୟ ସତ୍ତା । ଏହା ପ୍ରାଚ୍ୟ ସଂସ୍କୃତିର ଅତିହ୍ୟ ବିମଣ୍ଡିତ ବାଙ୍ମୟ । ଏହା ଜୀବନ୍ତ ଓ ଜୀବନଦାୟୀ ଜୀବନବୋଧ । ପ୍ରାଚୀର ପରମ ଓ ଚରମ ସାର୍ଥକତା ହେଉଛି ଆଦର୍ଶ ଓ ସମାଜର କଲ୍ୟାଣ ସାଧନ । ପ୍ରାଚୀର ଏକ ଲୋଭନୀୟ, କମନୀୟ ଓ ମଧୁର ରୂପ ପ୍ରକଟିତ ହୁଏ ତା'ର ସ୍ୱର୍ଗୀୟ ପ୍ରେମରେ । ତା'ର ପ୍ରେମ ଓ ମମତାରେ ସାମାଜିକ ଜୀବନ ଭଗବତ୍ ଆଶୀର୍ବାଦ ଯୁକ୍ତ । ସେ ପୁଣି ସ୍ନେହମୟୀ ଓ ସମାଜର ହୃତ୍‌ପିଣ୍ଡ । ଆମ ସମାଜ ଓ ସଭ୍ୟତାର ଆଦ୍ୟ ଉନ୍ମେଷ କାଳରୁ ପ୍ରାଚୀର ରହିଛି ଗୁରୁତ୍ୱପୂର୍ଣ୍ଣ ଭୂମିକା । ସମାଜରୁ କୁସଂସ୍କାରକୁ ଦୂରକରି ସମାଜର କଲ୍ୟାଣ କରିବା ପ୍ରାଚୀର ଧର୍ମ । ତେଣୁ 'ପ୍ରାଚୀ' ର ସୃଷ୍ଟି ସମାଜରେ ଅବହେଳିତମାନଙ୍କ ପାଇଁ ସ୍ୱର ଉତ୍ତଳନ କରିବା । ପ୍ରାଚୀ ପତ୍ରିକାଟି କଥା କହିପାରୁନଥିବା ମାନବ ଓ ମାନବୋତରମାନଙ୍କ ପାଇଁ ଏକ ଆଶାର କିରଣ ସୃଷ୍ଟି କରିବ, ଏଥିରେ ସନ୍ଦେହ ନାହିଁ । ବାସ୍ତବତାକୁ ଗଳ୍ପ ଆକାରରେ ପରିପ୍ରକାଶ କରିବା ଆମର ମୂଳ ଲକ୍ଷ୍ୟ । ଗୋଟିଏ ବାସ୍ତବ ଚରିତ୍ରର ହୃଦୟ ଆବେଗକୁ ନେଇ ସମାଜରେ ସଚେତନତା ସୃଷ୍ଟି କରି ସମାଜକୁ ସୁସ୍ଥ, ସବଳ କରିବାର ଲକ୍ଷ୍ୟନେଇ ପ୍ରାଚୀ ଆଗେଇ ଚାଲିଛି । ପ୍ରାଚୀର ଆତ୍ମାରେ ୧ ୨ଟି ସମ୍ବେଦନଶୀଳ ହୃଦୟୋଚ୍ଛ୍ୱାସ ରହିଛି ।

- ମୁଁ ଗାଁ ମୁଣ୍ଡ ବୁଢ଼ା ବରଗଛ କହୁଛି । ମୁଁ ଜନ୍ମରୁ ମଣିଷର ସେବାରେ ଅଛି । କିନ୍ତୁ ଆଜି ମନୁଷ୍ୟ ତା'ର ସୁବିଧା ପାଇଁ ମୋ ବାର୍ଦ୍ଧକ୍ୟରେ ମୋ ସାଙ୍ଗରେ ନରହି, ମତେ କାଟି ତାର ଗର୍ବକୁ ଚରିତାର୍ଥ କରୁଛି । ........
- ମୁଁ ଲତାଟିଏ ହେଲେ ବି, ମୋ ପତ୍ରରେ ଥିବା ଗୁଣରେ ଅନେକ ଉପକୃତ ହୋଇଥାନ୍ତି ଏବଂ ମୋ ଫଳକୁ ଖାଦ୍ୟ ରୂପେ ବ୍ୟବହାର କରାଯାଏ କିନ୍ତୁ ଆଜି ମୁଁ ଅବହେଳିତ କାରଣ, ମତେ ବଞ୍ଚିରହିବା ପାଇଁ .........
- ମୁଁ ମହାନଦୀ, ମୋ ବକ୍ଷରେ ଅନେକ ପରିମାଣରେ ଜଳ ଅଛି । ସୃଷ୍ଟିର ଆରମ୍ଭରେ ଜଳର ଆବଶ୍ୟକତା ରହି ଆସିଛି । ମୋ ଜଳରେ ସଂସାରର ଆରମ୍ଭ ହେଇଥାଏ କିନ୍ତୁ ସେ ଜଳକୁ ବିଷାକ୍ତ କରି .........
- ମୁଁ ମଳୟ ପବନ କହୁଛି । ସକାଳୁ ସକାଳୁ ମୋର ପ୍ରବାହରେ ପୃଥିବୀ ଉପରେ ଶାନ୍ତି ପ୍ରତିଷ୍ଠା ହେଇଥାଏ ।
  କିନ୍ତୁ ପ୍ରଦୂଷଣ ଆଜି ମତେ ..........
- ମୁଁ ବୁଢ଼ା ବଳଦ କହୁଛି, ଆମ ପରିବାରର ପୀଢ଼ି ପରେ ପୀଢ଼ି ମଣିଷ ସେବାରେ ଲାଗିଥାନ୍ତି । ମୋ ପରି ଅନେକ ଜୀବଜନ୍ତୁ ଏହି ଦୁନିଆରେ ଅଛନ୍ତି । ସେମାନେ ପ୍ରକୃତିରେ ସ୍ଥିରତା ରକ୍ଷା କରିଥାନ୍ତି କିନ୍ତୁ ଦିନକୁ ଦିନ ବହୁତ ଜୀବ ପ୍ରାୟ ବିଲୁପ୍ତ, ବୁଝି ପାରେନା.......
- ମୁଁ ଗୋଟିଏ ଟିକି ଚଢ଼େଇ, ସକାଳୁ, ସକାଳୁ ମୋ ଚେଁ ଚେଁ ଶବ୍ଦରେ ପ୍ରକୃତି ମାତା ଆଖି ଖୋଲିଥାଏ । ଆଜି ପରିବେଶ ପ୍ରଦୂଷଣ ପାଇଁ ଆମ ଜାତିର ଅନେକ ପକ୍ଷୀ ପ୍ରାୟ ବିଲୁପ୍ତ, ଏଥିପାଇଁ ଦାୟୀ କିଏ ? ମୋ ଛୋଟ ମୁଣ୍ଡରେ ଏହାର କଳନା କରିପାରେନା ...... ....
- ମୁଁ ମନି ପୋଇଲି । ମୁଁ ଗୋଟିଏ ମଣିଷ, ମୋର ଗୋଟିଏ ନାଁ ଅଛି କିନ୍ତୁ, ମୋ ନାଁ ପରେ ମୋ ସାଙ୍ଗିଆ ପୋଇଲି ଡକା ହୁଏ । ପେଟ ପାଇଁ କାମକରେ କିନ୍ତୁ ବୁଝି ପାରେନା, ଏତେ କାମ କରିସାରିଲା ପରେ ମଧ୍ୟ ମୋ ଉପରେ ଅତ୍ୟାଚାର ହୁଏ କାହିଁକି ...........
- ମୋ ନାମ ମକରା ପାଗଳ । 'ପାଗଳ' ଶବ୍ଦଟି ମୋର ପିତୃଦତ୍ତ ନୁହେଁ, ସମାଜ ମତେ କାହିଁକି କେଜାଣି ଏହି ପାଗଳ ଶବ୍ଦଟି ଲଦି ଦେଇ ମତେ ଅଣନିଃଶ୍ୱାସୀ କରିଦେଉଛି । ମୁଁ ଜାଣେନା .........
- ମୁଁ ଛୋଟା ହେଲେ ମଧ୍ୟ ମୁଁ ତ ମୋର ସବୁକାମ ଠିକ୍ ଠିକ୍ କରୁଛି । ତା ହେଲେ, ମତେ ସମାଜର ଗୋଡ଼ଥିବା ଲୋକମାନେ କାହିଁକି ନ୍ୟୁନ ଦୃଷ୍ଟିରେ ଦେଖନ୍ତି, ଏହାର କାରଣ କ'ଣ ହୋଇ ........
- ବିଧାତାର ବିଧାନ ସ୍ୱାମୀ ଚାଲିଗଲା, ମୁଁ ବିଧବା ହେଲି, ଏଥିପାଇଁ ମୁଁ ହେଲି ଦାୟୀ, ସମାଜରେ ମୁଁ ଡାହାଣୀ, ଘରେ ବାହାରେ ଖାଲି ଛି, ଛି, ଆଉ କେତେ ଦିନ ........
- ମୁଁ ପରା ଚୁଇଁ, ଆମ ବାବୁଘରେ ସମସ୍ତଙ୍କର ଆପଣାର, ଟିକେ ଭୁଲ୍ କଲେ , କଥା ବଡ ହୁଏ । ଛୋଟ ଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତେ ପଚାରନ୍ତି ଏବଂ କୈଫତ୍ ମାଗନ୍ତି, ଟିକେ ଭୁଲ ପାଇଁ ଏତେ କଥା ........
- ମୁଁ ଦିନହୀନ ଗୋବିନ୍ଦ, ମୋର ଦାଣ୍ଡରୁ ଆଣିଲେ ହାଣ୍ଡିରେ ପଡ଼େ । ମାଗିବା ବ୍ୟତୀତ ମୋର ଅନ୍ୟଉପାୟ ନାହିଁ । ଘରେ ପୁଣି ରୋଗିଣା ମା', ଅନ୍ୟଲୋକଙ୍କର ବଳକା ଖାଇ ଖାଇ ମୋ ପେଟ ଚାଖଣ୍ଡଟା ପୁରଣ କରିଥାଏ । ସେଥିପାଇଁ ମତେ ସମସ୍ତେ ହାଁଉଆ ବୋଲି ଡାକି ଥାନ୍ତି । ଭାରି ଇଛା ହୁଏ ପେଟଭରି ଖିରି, ଆରିଶା ଖାଇବା ପାଇଁ ଅପେକ୍ଷାକରେ ସମୟକୁ, ସମୟ ଆସିବ ......

ବାସ୍ତବତାର ପରିପ୍ରକାଶ

# ପ୍ରାଚୀ

Vol.- 6, April 2020, Issue No. I
RNI No. : ODIODI/2015/64435
P.R. No. : CK(C)/96/2016-2018

**ପ୍ରାଚୀ ପରିବାର :**

ଉପଦେଷ୍ଟା :
**କୃଷ୍ଣ ପ୍ରସାଦ ଦାସ**
ସମ୍ପାଦକ :
**ଡ. ବିଭୁଦତ୍ତ ଖଣ୍ଡାୟତରାୟ**
ସମ୍ପାଦନା ସହଯୋଗୀ :
**ପ୍ରାଚୀ ପ୍ରଯୁକ୍ତା**
କାର୍ଯ୍ୟନିର୍ବାହୀ ସଂପାଦକ:
**ଡ. ସୁମନ୍ତ ସାଇଁ**
ପରିଚାଳକ ସଂପାଦକ:
**ଡ. ଦିପକ କୁମାର ଦାଶ**
ସହ ସମ୍ପାଦକ :
**ଡ. ନାରାୟଣ ମହାନ୍ତି**
**ଡ. ଅଞ୍ଜୁମନ ଆରା**
**ଡ. ଆଲୋକ କୁମାର ବରାଳ**
**ଡ. ଆର୍ଯ୍ୟ କୁମାର ହର୍ଷବର୍ଦ୍ଧନ**
**ଡ. ଜ୍ଞାନୀ ଦେବାଶିଷ ମିଶ୍ର**
**ଡ. ନେତାଜୀ ଅଭିନନ୍ଦନ**
**ଡ. ନିରୋଦ କୁମାର ମନ୍ତ୍ରୀ**
ଉପସ୍ଥାପନା :
**ମମତା ଖଣ୍ଡାୟତରାୟ**
ଡିଟିପି :
**ପ୍ରଶାନ୍ତି ସାଇଁ**
ପ୍ରଚ୍ଛଦ ଓ ଅକ୍ଷରସଜ୍ଜା :
**ବିଭୁପ୍ରସାଦ ନାୟକ**
ଅଳଙ୍କରଣ :
**ବିଜୟ କୁମାର ସାହୁ**
ବିଜ୍ଞାପନ ଅଧିକାରୀ :
**ଅବିନାଶ ଦାଶ**
ବିତରଣ ଅଧିକାରୀ :
**ରାଜେନ୍ଦ୍ର ବାରିକ**
ମୁଦ୍ରଣ :
**ଲକ୍ଷ୍ମୀ ଅଫ୍‌ସେଟ୍ ପ୍ରେସ୍**
ନୂଆବଜାର, କଟକ - ୪

Niladri Vihar, Cuttack - 4
E-mail :
pracheepatrika@rediffmail.com
Web Site :
www.pracheenews.com


## ଏଇ ସଂଖ୍ୟାରେ...


ଆମ ଗାଆଁରେ ହୋଲି

– ଅମରନାଥ ବାରିକ ୦୭

ମହନୀୟକ୍ଷ ର ମହଣେ ପ୍ରତୀକ .......... "ନାରୀ"

– ଛବିରାଣୀ ପତି ୦୯

ଆମ ସାରସ୍ୱତ ଭୂଖଣ୍ଡର ଅତୀତ ଓ ବର୍ତ୍ତମାନ

**– ଡଃ କୃଷ୍ଣଚନ୍ଦ୍ର ଭୂୟାଁ ୦୯**

ହେ କ୍ରାନ୍ତିପଥର ଯାତ୍ରୀ

– କୁଞ୍ଜବିହାରୀ ରାଉତ ୧୨

ଡାକୋଟା ଫେରିଚି

– ରଞ୍ଜନ କୁମାର ବ୍ରହ୍ମା ୧୨

ମଦ

– ଶିବ ପ୍ରସାଦ ବାହିନୀପତି ୧୩

ଶ୍ରୀମଦ୍‌ଭାଗବତ ଏକ ସଂକ୍ଷିପ୍ତ ଆଲୋଚନା

ଓଁ ନମୋ ଭଗବତେ ବାସୁଦେବାୟ

**– ଇଂ ଶ୍ରୀ ମୁରଲୀଧର ହୋତା ୧୯**

ଦିବ୍ୟ ଆଲୋକମୟ ମୁକ୍ତିପଥ

– ଇଂ ଶ୍ରୀ ଗୌର ଚନ୍ଦ୍ର ମିଶ ୨୩

ମାନବ କଲ୍ୟାଣରେ ଅଧ୍ୟାତ୍ମର ଭୂମିକା

– ଶ୍ରୀ ବିଚିତ୍ରାନନ୍ଦ ମିଶ୍ର ୨୭

**PRACHEE MONTHLY ADVT. TARIFF**

**Back Cover (Colour)**
Rs. 20,000/-

**2nd Inner Cover (Colour)**
Rs. 10,000/-

**3rd Inner Cover (Colour)**
Rs. 10,000/-

**Ordinary Colour Page**
Rs. 5000/-

**Black & White (News Print)**
Full Page : Rs. 3,000/-
Half Page : Rs. 1500/-
Quarter page:Rs. 500/-

***For Space booking please contact The Advertising Manager***
Niladri Vihar, Naya Bazar, Cuttack - 4
Mobile / Whatsapp : 8895707011

# ପ୍ରାଚୀର ନିୟମାବଳୀ

- "ପ୍ରାଚୀ" ଏକ ମାସିକ ଗଳ୍ପ ପତ୍ରିକା । ଏହି ପତ୍ରିକାରେ ବାସ୍ତବ ଚରିତ୍ରକୁ ନେଇ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରାଯାଇଥାଏ । ସମାଜର ଦଳିତ ଓ ଅବହେଳିତମାନଙ୍କ ପାଇଁ ସ୍ୱର ଉଠେଇବା ଏହି ପତ୍ରିକାଟିର ଲକ୍ଷ୍ୟ । ଏହି ପତ୍ରିକାଟିରେ କେବଳ ମାତ୍ର ଗଳ୍ପ ପ୍ରକାଶ କରାଯାଇଥାଏ ।
- ପ୍ରାଚୀ ନୂତନ ଲେଖକ ଲେଖିକାମାନଙ୍କୁ ଅଗ୍ରାଧୀକାର ଦେଇଥାଏ । ଲେଖାରେ ଯଦି ସମାଜ ପ୍ରତି କୌଣସି ବାର୍ତ୍ତାଥାଏ ତାହା ଏଥିରେ ପ୍ରକାଶ ପାଇବ । ଲେଖକଲେଖିକାମାନେ 'ପ୍ରାଚୀ'ରେ ପ୍ରକାଶ ପାଇଁ ସେମାନଙ୍କ ହାତଲେଖା ବା କମ୍ପ୍ୟୁଟର ପ୍ରସ୍ତୁତ ପାଣ୍ଡୁଲିପି ପଠାଇବେ ।
- ଲେଖାଟି କୌଣସି ଆକ୍ଷେପ ମୂଳକ ଏବଂ ଉଦ୍ଦେଶ୍ୟ ପ୍ରଣୋଦିତ ନହେବା ଆବଶ୍ୟକ । ଲେଖାଟି ପ୍ରକାଶ କରିବା ସମ୍ପାଦନା ମଣ୍ଡଳୀ ଉପରେ ନିର୍ଭର କରିଥାଏ । ଲେଖାଟି ପ୍ରକାଶ ପାଇବା ପରେ ଡାକ ଯୋଗେ ଲେଖକ ଲେଖିକାଙ୍କୁ ଜଣାଇ ଦିଆଯିବ ।
- ପ୍ରାଚୀକୁ ପଠାଇଥିବା ଲେଖାଗୁଡ଼ିକୁ ଫେରାଇବାର କୌଣସି ସୁବିଧା ନାହିଁ । ତେଣୁ ଲେଖକ ଲେଖିକାମାନେ ନିଜର ପାଖରେ ନିଜ ପାଣ୍ଡୁଲିପିର ନକଲଟିଏ ରଖିବା ଆବଶ୍ୟକ । ଲେଖକ ଲେଖିକାମାନେ ନିଜ ଲେଖା ସହ ଗୋଟିଏ ରଙ୍ଗିନ୍ ପାସ୍‌ପୋର୍ଟ ଫଟୋ ପଠାଇବାକୁ ଅନୁରୋଧ ଏବଂ ଏକମାସ ପୂର୍ବରୁ ଲେଖାଟି ପହଞ୍ଚିବା ଜରୁରୀ । ଏହି ପତ୍ରିକାଟି ସମାଜର ନିସ୍ପେଷିତ ଚରିତ୍ରମାନଙ୍କର କାହାଣୀକୁ ନେଇ ଗଢ଼ିଉଠୁଥିବାରୁ ଆପଣଙ୍କ ଲେଖାଟି ସେମାନଙ୍କ ପାଇଁ ଉତ୍ସର୍ଗୀକୃତ କରାନ୍ତୁ ।
- କୌଣସି ଲେଖା ସମ୍ପର୍କରେ ଅନୁସନ୍ଧାନ ଡାକ ଯୋଗେ ଯୋଗାଯୋଗ କରାଯିବ । ପ୍ରାଚୀ ପାଇଁ ପଠାଉଥିବା ଲେଖା ଗୁଡିକ ଏଇ ଠିକଣାରେ ପଠାଇବେ, ସମ୍ପାଦକ, ପ୍ରାଚୀ, ନିଳାଦ୍ରୀ ବିହାର, ନୂଆବଜାର, କଟକ, ଓଡିଶା, ପିନ୍-୭୫୩୦୦୪ କିମ୍ବା ପାଠକ ପାଠିକାମାନେ pracheepatrika@rediffmail.com ଯୋଗେ ସମ୍ପର୍କ ସ୍ଥାପନ କରିପାରିବେ ।

**ଆପଣ "ପ୍ରାଚୀ" ପତ୍ରିକାର ବାର୍ଷିକ ଗ୍ରାହକ ହେବାକୁ ଚାହୁଁଛନ୍ତି !!!**

**କୁପନ୍‌ଟିକୁ କାଟି ଆମ୍ଭ ନିକଟକୁ ପଠାନ୍ତୁ**

ଶ୍ରୀମତୀ/ଶ୍ରୀ ........................................................................................................

ଠିକଣା ........................................................ ପିନ୍‌କୋର୍ଡ୍ ................................

ମୋବାଇଲ୍ ନମ୍ବର ....................................... ଇ-ମେଲ୍ ..........................................

**ଏଥିସହିତ ମୁଁ ୨୫୦ଟଙ୍କା ପଠାଉଛି । (ବ୍ୟାଙ୍କ୍ ଡ୍ରାଫ୍ଟ)**

ଚେକ୍ ନମ୍ବର.............................................. ତାରିଖ....................................

ବ୍ୟାଙ୍କ୍.................................. ସ୍ଥାନ......................................................

ତାରିଖ.................................... ଦସ୍ତଖତ...................................................

**ବାସ୍ତବତାର ପରିପ୍ରକାଶ "ପ୍ରାଚୀ"**

ନିଳାଦ୍ରୀ ବିହାର, ନୂଆ ବଜାର, କଟକ-୪, ମୋବାଇଲ୍/ ହ୍ୱାଟ୍‌ସ୍‌ଆପ୍ ନଂ : ୮୮୯୫୭୦୭୦୧୧

E-mail : pracheepatrika@rediffmail.com, Web. : www.pracheenews.com

# ଆମ ଗାଆଁରେ ହୋଲି

– ଅମରନାଥ ବାରିକ୍

ସକାଳୁ ଉଠି ଗାଧୋଇ ପାଧୋଇ ଆମ୍ବଡାଳ, ଅଁଳାଡାଳ, ଦୁବ ବରକୋଳି ପତ୍ର ମାଟି କଳସରେ ରଖି ନୂଆ ଧାନ ଦେଇ ଦାଣ୍ଡ ଦୁଆରେ କୁମ୍ଭ ବସେଇଲି । କାଲି ଘର ଅଗଣା ଲିପାପୋଛା କରି ଦେଇଥିଲି । ବାକି ଥିଲା ସବୁଆଡ଼େ ଚିତାପଇତା ପକେଇବା । ତାହା ବି କାଲି ରାତିରେ ସାରି ଦେଇଥିଲି । ନ ହେଲେ ଆଜି ଆହୁରି ବିଳମ୍ବ ହୋଇ ଥାଆନ୍ତା । ଏତିକି କଥା ମନରେ ଭାବୁ ଭାବୁ, ମୋ ପୁଅ ଆକାଶର ଫୋନ ଆସିଲା ଦିଲ୍ଲୀରୁ । ତା' ବାପା ମୋତେ ଡାକ ଛାଡ଼ିଲେ 'ଏ ରେବତୀ କୁଆଡ଼େ ଗଲ ଶୀଘ୍ର ଧାଇଁ ଆସ ଆମ ପୁଅ ଆକାଶ ଫୋନ କରିଛି ଦିଲ୍ଲୀରୁ' । ତାହା ଶୁଣି ମୁଁ କହିଲି ଆଗ ଦିଅ ମୁଁ ଟିକେ କଥା ହୁଏ ! ମୋ ପୁଅ ଦୁଇ ମାସ ପରେ ଫୋନ କରିଛି । ଆକାଶ କହିଲା ବୋଉ ତୁ କଣ କରୁଛୁ ? ଏଇ କଥା ଟିକେ ଶୁଣି ଦେଇ ମୋ ଆଖି ଲୁହ ଓଠ ପାଖରେ ପହଂଚିଲା । ଆରେ ପାଗଳା ତୁ କୁଆଡ଼େ ଯାଇଥିଲୁ ଦୁଇ ମାସ ହେଲାଣି ? ଆଜି ତୋ ବୋଉ କଥା ମନେ ପଡ଼ିଲା କେମିତି ଅଛି ! ଆକାଶ କହିଲା 'ନାଇଁ ଲୋ ବୋଉ ବାପା ସିନା ପାଠ ପଢ଼ାଇ ଇଂଜିନିୟର କରି ଦିଲ୍ଲୀ ପଠାଇ ଦେଲେ ଲୋ । ହେଲେ ତୋ କଥା ଆଉ ବାପାଙ୍କ କଥା ସବୁବେଳେ ମନେ ପଡ଼େ !! ମୁଁ କ'ଣ କରିବି ଏଠି ତ ଯାବତୀୟ କାମ । ଅଫିସରେ ଏତେ ବ୍ୟସ୍ତରେ ରହୁଛି ଯେ ତୋ ବୋହୂ ଦେଇଥିବା ଟିଫିନ ବି ଖାଇ ପାରୁନାହିଁ । ଛାଡ଼ ସେ ସବୁ କଥା, ତୁ ଆଗ କହ, ଆଜି ପରା ଦୋଳ ପୂର୍ଣ୍ଣିମା ତୁ ପିଠା, କ୍ଷୀରି କରିଛୁନା ? ମୋର ଭାରି ଇଚ୍ଛା ହେଉଛି ତୋ ହାତ ତିଆରି ପିଠା, କ୍ଷୀରି ଖାଇବା ପାଇଁ ! ବାପାଙ୍କର ସେଇ ଓଗାଳ ବୋଲା, ଗାଁ ମୁଣ୍ଡରେ ବାଡ଼ି ଖେଳ, ଅବୀର ବୋଲା କଥା ବହୁତ ମନେ ପଡୁଛି । ଏଥର ଆମ ଗାଁ ଗୋପବନ୍ଧୁ ଠାକୁର ମୂର୍ତ୍ତି କେତେ ବଡ଼ ତିଆରି ହୋଇଛି କି ବୋଉ' ?

ହଁ ରେ ପାଗଳା ସବୁ ତ ଧୁମଧାମରେ ହେଉଛି । ହେଲେ ତୋ ବିନା ଆମକୁ କିଛି ଭଲ ଲାଗୁନାହିଁ । କାଲି ସନ୍ଧ୍ୟାରେ ଆର ସାହି ରଘୁଆ ମଉସା ଆମ ଘରକୁ ଆସିଥିଲେ । ତୋ କଥା ପଚାରି ବହୁତ ମନ ଦୁଃଖ କରୁଥିଲେ । କହିଲେ ଆମ ଆକାଶଟା ଗଲା ଦିନରୁ ଆଉ କେହି କୃଷ୍ଣଙ୍କ ଅଭିନୟ କରି ପାରୁନାହାନ୍ତି । ତା' ବିନା ପଡ଼ିଆରେ ମଞ୍ଚ ଖାଲି ରହିଛି । ଆଉ ଦୋଳ ନାଟକ ହେଉ ନାହିଁ । ହଉ ତୁ ଏବେ କହ ମୋ ବୋହୂ ନନ୍ଦିନୀ, ଆଉ ମୋ ନାତିଟୋକା କ'ଣ କରୁଛନ୍ତି ? ସେ ଭଲରେ ଅଛନ୍ତି ତ !! ମୋ କଥା ପାଟିରୁ ସରିନାହିଁ ଆକାଶ ଟିକେ ମୁରୁକି ହସିଦେଲା । ଠିକ ଏହି ସମୟରେ ତା' ବାପା ମୋତେ ଏପଟରୁ କହିଲେ 'ଆରେ ଆମ ଆକାଶ, ବୋହୂ ନନ୍ଦିନୀ ଓ ନାତିଆଟୋକା ସମସ୍ତେ ଗାଡ଼ିରେ ବସି ଫୋନ କରୁଛନ୍ତି । ସେମାନେ ସମସ୍ତେ କାଲି ଆସି ପହଞ୍ଚିବେ ଘରେ' । ଏତକ ଶୁଣି ସାରିବା ପରେ ଆକାଶର ବାପାଙ୍କଠାରୁ, ମୋ ଗୋଡ଼ ଆଉ ତଳେ ରହିଲା ନାହିଁ । ମୁଁ ଆକାଶକୁ କହିଲି ହଉରେ ଧନ ତୁ ରେଳରେ ବସିଛୁ ବେସି କଥା ହୁଅ ନାହିଁ ଏବେ ଫୋନ ରଖ । ଭଲରେ ଆସି ଘରେ ପହଞ୍ଚେ ।

ମୋତେ ରାତିଟା ଲାଗୁଥାଏ ଯୁଗପରି । ରାତି ପାହି ସକାଳ ପାଞ୍ଚଟା ସମୟରେ ଆକାଶ ସହିତ ବୋହୂ ନାତି ସମସ୍ତେ ଆସି ଘରେ ପହଞ୍ଚିଗଲେ । ସେଦିନ ଥାଏ ହୋରି ଖେଳ । ସେମାନେ ସମସ୍ତେ ହାତ ଗୋଡ଼ ଧୁଆ ଧୋଇ ହୋଇ ଲୁଗା ପଟା ବଦଳେଇ ଆସିଲେ । ଆମେ ସମସ୍ତେ ଠାକୁର ଘରେ ବସି ରାଧା କୃଷ୍ଣଙ୍କ ପାଦ ଯୁଗଳରେ ଅବୀର ଲଗେଇ ତା' ପରେ ପରସ୍ପର ମଧ୍ୟରେ ଅବୀର ବୋଳି ହେଲୁ । କିନ୍ତୁ ଆକାଶର ମନ ଘରେ ଲାଗୁଥାଏ । ସେ ଖାଲି ତରତର ହେଉଥାଏ । କେମିତି ଗାଁ ସାହିରେ ଯାଇ ତା' ସାଙ୍ଗ ମାନଙ୍କ ମେଳରେ ହୋରି ଖେଳିବ । ଗୋପବନ୍ଧୁ ଠାକୁରଙ୍କ ପାଖରେ ଲଗେଇଥିବା ଭୋଗ କଦଳୀ, ଫଳ, ଛେନା, ନଡ଼ିଆ, ପିଠା, କ୍ଷୀରି, ମିଠା, ଲହୁଣୀ ଇତ୍ୟାଦି ଆଣି ସମସ୍ତଙ୍କୁ ଖାଇବାକୁ ଦେଲି । ତାହା ସବୁ ଦେଖି ଆମ ଆକାଶର ପୁଅ, ଏଇବା ଆମ ନାତିଟୋକା ସାତ ବରଷର ହେବ । ତା' ମାଆ ନନ୍ଦିନୀକୁ କହିଲା । ମାମା ଏ ସବୁ କ'ଣ ? ତା' ଜେଜେ କହିଲେ 'ଆରେ ନାତି ଆଜିପରା ହୋରି ଖେଳ । ପାଞ୍ଚ ଦିନ ପର୍ଯ୍ୟନ୍ତ ଆମେ ମାନେ ସମସ୍ତେ ଏମିତି ଅରୁଆ ଅନ୍ନ, ଡାଲମା, ପୁରି, ଫଳମୂଳ, ଭୋଗ ଆଦି ଖାଇବା । ଗାଁରେ ଦୋଳ ଠାକୁର

( ମେଢ଼ରେ ରାଧା କୃଷ୍ଣ ଙ୍କ ଦୁଇ ପାଖରେ ଦୁଇ ସଖି ଏବଂ ଗାଈର ମୂର୍ତ୍ତି ) ବସିବେ । ବାଡ଼ି ଖେଳ, ଓଗାଳ ବୋଲା, ଭଜନ କୀର୍ତ୍ତନ, ଅବୀର ବୋଳା, ଗୋ ମାତାଙ୍କୁ ପୂଜା କରିବା, ଭୋଜି ଭାତ ବଣ୍ଟାକୁଣ୍ଟା ଇତ୍ୟାଦି ହେବ । ଏଇଟା ଆମ ଗୋପାଳ ମାନଙ୍କର ପୂର୍ବ ପୁରୁଷରୁ ରହି ଆସିଥିବା ପରମ୍ପରା ଦୋଳ ପର୍ବ । ଯିଏ ଯେଉଁଠି ଥାଆନ୍ତୁ ନା କାହିଁକି ଏହି ପର୍ବରେ ସମସ୍ତେ ଗାଁ କୁ ଫେରିବେ । ବନ୍ଧୁ ବାନ୍ଧବ ସମସ୍ତେ ଆସନ୍ତି । ପରସ୍ପର ମଧ୍ୟରେ ଭଲ ସଂପର୍କ ସ୍ଥାପନ କରନ୍ତି ।

ନାତି ସବୁ ଶୁଣି ସାରିବା ପରେ କହିଲା ଜେଜେ କିନ୍ତୁ ଦିଲ୍ଲୀରେ ଆମେ ରହୁଥିବା ସୋସାଇଟିରେ ସବୁ ଲୋକମାନେ ହୋଲି ସେଲିବ୍ରେଟ କରନ୍ତି । ଡିଜେ ବଜାଇ ନାଚନ୍ତି । ମୋ ଫ୍ରେଣ୍ଡମାନେ ମୋତେ ରଙ୍ଗ ଲଗାନ୍ତି । ଆଉ ଅଙ୍କଲ ଆଣ୍ଟି ଆସି ପାପା ମାମାଙ୍କ ଉପରେ କଲରଫୁଲ ପାଣି ଢ଼ାଳି ଦିଅନ୍ତି । କିଛି ଲୋକମାନେ ନିଜର କପଡା ଚିରି ଫିଙ୍ଗାଫିଙ୍ଗି କରନ୍ତି ଏବଂ ସମସ୍ତେ ବଡ଼ ପାଟିରେ କୁହନ୍ତି 'ହ୍ୟାପି ହୋଲି' । ଶେଷରେ ନାତିଟୋକା କଥା ଶୁଣି ଆମେମାନେ ସମସ୍ତେ ହସି ହସି ମଜା କଲୁ ।

*କୟାଁ, ମଙ୍ଗଳପୁର, ଦଶରଥପୁର, ଯାଜପୁର*
*ଓଡ଼ିଶା, ପିନ୍ ନଂ - ୭୫୫୦୧୧*
*ଦୂରଭାଷ - ୯୫୪୦୩୦୮୦୯୫ (ନୂଆଦିଲ୍ଲୀ)*

# ମହନୀୟତ୍ତ୍ୱ ର ମହଣେ ପ୍ରତୀକ .......... "ନାରୀ"

– ଛବିରାଣୀ ପତି

ନାରୀ ,,, କେତେ ମହୀୟାନ ମହୀୟସୀ ଓ ପ୍ରେମମୟୀ ବଳିଷ୍ଠ - ଜୀବନ୍ତ ପ୍ରତିମାଟିଏ !! ଏ' ସଂସାରରେ ଆତଯାତ ଅନନ୍ତ କୋଟି ବ୍ରହ୍ମାଣ୍ଡର ଜୀବ ଜଗତ ମଧ୍ୟରୁ ସ୍ନେହମୟୀ ତଥା ବାତ୍ସଲ୍ୟଭରା ମମତାମୟୀ ର ମୂର୍ତ୍ତିମନ୍ତ ପ୍ରତିକଟି ନାରୀ । ସୃଷ୍ଟିରେ ପ୍ରାୟତଃ ଏକ ଅପୂରକ ଅନନ୍ତ ଏବଂ ଅନନ୍ୟ ମଧ୍ୟ । ବିପୁଳ ତଥା ଅସରନ୍ତି ଅନାବିଳ ଶ୍ରଦ୍ଧାର ଧାରା ଶ୍ରାବଣରେ ଗଢ଼ି ଉଠିଥାଏ ତା' ସ୍ନେହ ସ୍ନିଗ୍ଧ ସୃଷ୍ଟିର ସମ୍ଭାର । ଦେବୀ ରୂପା ସେହି ଅଭୟ ବରଦାୟିନୀ କରୁଣାମୟୀ ଶିଖାଇଥାଏ ଆଉ ଦେଖାଇଥାଏ ସବୁରିକୁ ବଞ୍ଚିବାର ସବୁ ପ୍ରକାର ରାହା ।

ସେଇ ନାରୀ , କେବେ କ'ଣ କାହାରି ସରଳ ବିଶ୍ୱାସରେ ବିଷ ଭରି ସତରେ କ'ଣ ହୋଇପାରେ ସୁଖୀ ! କାହା ପ୍ରଗତିର ପ୍ରତିବନ୍ଧକ ସାଜି ସତରେ କ'ଣ ଲକ୍ଷ ସିଦ୍ଧ କରିପାରେ ନିଜ ଭାଗ୍ୟର ଦୌଡ଼ରେ !! କାହାରି ଅନାବିଳ ପ୍ରେମର ପ୍ରଚ୍ଛଦ ପଟରେ ଅକ୍ଳେଶରେ ଆଙ୍କି ଦେଇପାରେ କନ ସତରେ ଅନାବନା ଭାବନାର ଏତେ ବଡ଼ ବଡ଼ କଳଙ୍କିତ ଅଧ୍ୟାୟର ସୌଧ ମାନ ??? ଏମିତି ଅନେକ ପ୍ରଶ୍ନର ଉତ୍ତର ଖୋଜୁ ଖୋଜୁ ଅବିଳମ୍ୱେ ଆସିଯାଏ ବୟସର ଅପରାହ୍ନ । ଥାଏ ଅପେକ୍ଷ ରତ ସେହି କଳା କାଳ ରାତ୍ରୀକୁ । ଯାହାର ସକାଳ ନା' କେବେ ହୋଇଛି , ନା' କେବେ ହବ !!!! ପାଇବା ହରାଇବାର ହିସାବ ଖାତା ତା'ପାଇଁ ହଜି ଯାଇଥାଏ ସବୁଦିନ ପାଇଁ ଇତିହାସର କାଳଗର୍ଭ- ଗହ୍ୱର ଭିତରେ । ସବୁ ନିରର୍ଥକ ହୋଇଯାଏ ଏବଂ ହୋଇଯାଏ ମୂଲ୍ୟହୀନ । ଭାବିବସେ ଅନେକ ଅସମ୍ଭବକୁ ସମ୍ଭବ କରିବାର ଅଦମ୍ୟ ପ୍ରୟାସ ରେ କଳ-ବଳ-କୌଶଳର ଚିରାଚରିତ ବିଚିତ୍ର ଘଟଣା ଦୁର୍ଘଟଣାବଳୀକୁ । ସେଥି ଭିତରୁ କିଛି ନିମିଷକେ ସୁଖ ଦେଇ ହଜିଯାନ୍ତି କାହିଁ କେଉଁ ଅଜଣା ଅଦେଖା ଇଲାକାରେ । ଯାହା , ସବୁବେଳେ ଖାଲି ଦେଇ ଚାଲୁଥାନ୍ତି କାଳ ବୈଶାଖୀର ଝଡ଼ବର୍ଷା ପରି କୁଢ଼ କୁଢ଼ ଅବସୋସ , ଅନୁତାପ , ଆଉ ଦୁଃଖ କେବଳ ଦୁଃଖ....!!! ।

ଯୌବନର ମଧ୍ୟମା ସୋପାନରେ ପ୍ରେମ ପ୍ରଣୟରେ ପାଦ ଥାପିବାକୁ ସଂକୋଚ କରେ ବିବେକି ମଣିଷଟେ । କାରଣ ସେ ଜାଣେ 'ପ୍ରେମର ବୟସ ନ'ଥାଏ କି ନ'ଥାଏ ମଧ୍ୟ ଆୟୁଷ' । ତଥାପି ଖଟାଏ ସେ ତାର ବୁଦ୍ଧି ଓ ବିବେକ କୁ ଯଦିଓ ଏହା ଖୁବ୍ କୋଚିତ୍ ହୁଏ । ସଂସ୍କାରି ସମାଜର ନାଲି ଆଖିର ଆକଟ ତଥା ସମାଲୋଚନାକୁ ଡରି ସେଥିରୁ କ୍ଷାନ୍ତ ରହିଥାଏ । ଆମ ସାମାଜିକ ଶୃଙ୍ଖଳା ବୋଧ ଆମକୁ ପ୍ରଥମେ ଶିକ୍ଷା ଦେଇଥାଏ ସଞ୍ଜମ । ସ୍ତ୍ରୀ ଅବା ହେଉ ପୁରୁଷ ସଂସାର ବନ୍ଧନରେ ଥରେ ବାନ୍ଧି ହୋଇଗଲେ ହେଁ ଧରି ନିଏ ତା'ପାଇଁ ତା' ଜୀବନ ସାଥିଟି ହେଉଛି ହର୍ତ୍ତା , କର୍ତ୍ତା ପୁଣି ତା ଜୀବନ ପଥର ଦୈବ ବିଧାତା । ସକଳ ଆଶା ଅସୁୟାର ଅଭିଳାଷକୁ ଜଳାଞ୍ଜଳି ଦେଇ ଗଢିଥାଏ ସୁନାର ସଂସାରଟିଏ । ଅଭିଆଡ଼ି ବେଳର ସ୍ୱେଚ୍ଛାଚାରୀ ମନବୃତ୍ତିକୁ ବିବେକର ଲଗାମରେ କଷି ଧରିରଖେ ନିଜ ଅକ୍ତିଆରରେ । ବିବାହର ପବିତ୍ର ବନ୍ଧନକୁ ପବିତ୍ର ମାନସିକତାରେ ଉଜ୍ଜୀବିତ କରିବା ଲାଗି ଚେଷ୍ଟା ଜାରି ରଖିଥାଏ ନିରନ୍ତର । ମାତ୍ର ,, ସଫଳତା ବିଫଳତା ଧାର୍ଯ୍ୟ କରେ ସମୟ ନିର୍ଘଣ୍ଟ । ସମୟ ..... ଯାହାର ଅଧୀନରେ ଏ' ସାରା ଜଗତ । ତାରି ଅଦେଖା ହାତରେ ଛାଡିଦିଏ ନିଜର ଭାଗ୍ୟ ଆଉ ଭବିଷ୍ୟ । ଏହି ଭାବନା ନେଇ ଶାନ୍ତ୍ୱନା ଦେଇଚାଲେ ସେ ନିଜକୁ ବାରମ୍ବାର ।

'ଦଇବ ଦଉଡି..... ମଣିଷ ଗାଈ,
ଜେଣିକି ଟାଣିବ....ସେଣିକି ଯାଇ'

ମୌସମୀର ଅନୁକୂଳରେ ହେଉ ବା ପ୍ରତିକୂଳ ରେ ଯାତ୍ରା କରିବାକୁ ସେ' ହୋଇଯାଏ ଏକପ୍ରକାର ବାଧ୍ୟ । ଯଦିଓ ପ୍ରତିକୂଳର ଯାତ୍ରା ଯେ' କେତେ ଭୟାନକ ସେଥିପ୍ରତି ବେଶ ହୃଦଙ୍ଗମ କରିପାରେ ତଥାପି ଚାଲେ ଯଥୋଚିତ ସଚେତନତାର ସହିତ । ସେହି ଚିନ୍ତା ଚେତନାରେ ହଯାଇଦିଏ ସବୁକିଛି ଓ ଟେକିଦିଏ ନିଜକୁ ଭାଗ୍ୟର ହାତରେ ।

ଆମ ମହନୀୟ ଭାରତୀୟ ପରମ୍ପରା , ଜାତି, ସଂସ୍କୃତି ଓ ସଭ୍ୟତାର ମହିୟସୀ କରୁଣାମୟୀ ନାରୀ ଚରିତ୍ର ଙ୍କର ଦୟା, କ୍ଷମା, ତ୍ୟାଗ, ସମର୍ପଣ ର ଗାଥା କିଛି କମ ନାହିଁ ପୁରାଣ ଶାସ୍ତ୍ର ଓ ଐତିହ୍ୟରେ ତଥା ଏ ଯୁଗରେ ମଧ୍ୟ । ତଥାପି, ଅନେକ ଅଛନ୍ତି ଯେଉଁମାନେ ଅନ୍ୟର ଅଧିକାରକୁ ଜୋର ଜବରଦସ୍ତି ଝାମ୍ପି ନିଅନ୍ତି ନିଜର ଅନୈତିକ କାର୍ଯ୍ୟ ସିଦ୍ଧି ଉଦ୍ଦେଶ୍ୟରେ । ଲଗାଇ ଦିଅନ୍ତି କେତେ କେତେ ସଂସାରରେ ଏକ ପ୍ରକାର ଅସଜଡା ଝଡ ଆଉ ଅଶାନ୍ତି ର ନିଆଁ । ଭରିଦିଅନ୍ତି ଅସରନ୍ତି ଦୁଃଖ । କିନ୍ତୁ ,, ତିଳେହେଲେ ଅନୁଶୋଚନା କି' ଅନୁତାପ ନ'ଥାଏ ତାଙ୍କ ଜୀବନର

ସନ୍ନିଧାନରେ । ଅବିବେକ ଅମଣିଷଟେ ପରି ବିକ୍ରି ହୋଇ ଯାଆନ୍ତି ମଧ୍ୟ ଏହି ଦୁଶ୍ଚରିତ୍ର ଲଖେହିରା ଚରିତ୍ର ମାନଙ୍କ ହାତରେ କିଛି ପୁରୁଷ । ହଜାଇ ଦିଅନ୍ତି ନିଜର ଅସ୍ତିତ୍ୱ ଆଉ ଦାଇତ୍ୱ ବୋଧକୁ । ଛାଡି ଦେଇ ଯାନ୍ତି ରକ୍ତର ସବୁ ସମ୍ପର୍କକୁ । ସୁସ୍ଥ ସମାଜର ପବିତ୍ର ବନ୍ଧନକୁ । ନିଲଠାଙ୍କ ପରି ନିଜ ଅସହାୟତାର ଦ୍ୱାହି ଦେଇ ହୋଇ ଯାଆନ୍ତି ଅଫେରା ପଥର ପଥିକ । ବାପା – ମାଆ – ସ୍ତ୍ରୀ – ପିଲା ଛୁଆଙ୍କର ତ୍ୟାଗ, ସ୍ନେହଁ, ପ୍ରେମ, ନିଷ୍ଠା, ସମର୍ପଣ ଆଉ ଭଲପାଇବାକୁ ଗୋଡ଼ରେ ଆଡେଇ ଦେଇ ସତେ ଯେମିତି ହୋଇଯାନ୍ତି 'ସାତପର' । ଏମିତି କିମିୟା କରି ହଜେଇ ଦେଇ ପାରେ ମଧ୍ୟ ପର ପୁରୁଷର ଚିନ୍ତା ଚେତନାକୁ ଗୋଟେ ଅବୈଧ ନାରୀର ପ୍ରକୃତି ଓ ପ୍ରବୃତ୍ତି' !!! ପୁରୁଷଟି ସବୁ ଦେଖୁଥିଲେ ବି' ହୋଇଯାଏ ଅନ୍ଧ । କରିପାରେ ମାତ୍ର କିଛି ନ' ଦେଖିବାର ଖୁବ୍ ନିଖୁଣ ଅଭିନୟ । ତା' ସାମ୍ନାରେ ଘଟୁଥିବା ସତ୍ୟତା ତାକୁ ଲାଗେ ପ୍ରହେଳିକା ସଦୃଶ୍ୟ ଓ ମୂଲ୍ୟହୀନ । ମୂଲ୍ୟବାନ ହୋଇଉଠେ କେବଳ ଆଉ କେବଳ ସେହି ଅଳକାନନ୍ଦାର ଝଲସାରେ ଝଲସି ଉଠୁଥିବା ଉଦ୍ଦେଶ୍ୟ ଭିତ୍ତିକ ସ୍ୱାର୍ଥ ରହିତ ପ୍ରେମଟି । ପ୍ରାୟୋଜିତ ହେଉଥିବା ସ୍ୱର୍ଗୀୟ ସୁଖର ଆନନ୍ଦରେ ବିଭୋର ହୋଇପଡେ ସେ । ନିଜ ମାନବିକ ମୂଲ୍ୟବୋଧକୁ ହଜାଇ ଏହି କ୍ଷଣସ୍ଥାୟୀ ପରକୀୟ ପ୍ରୀତିର ଜାଲରେ ଛନ୍ଦି ହୋଇ ହରେଇ ବସେ ଜାଣ ସବୁକିଛି । ସ୍ୱାର୍ଥ ସିଦ୍ଧି ପରେ, ଖାଏ ଯେତେବେଳେ ଶକ୍ତ ପଦାଘାତ ହରାଇ ବସେ ନିଜର ମାନସିକ ଭାରସାମ୍ୟ !!! ହୋଇଯାଏ ପାଗଳ ଅବା ନିଶା ଗ୍ରସ୍ତ ଅମାନୁସିକ ବ୍ୟକ୍ତିଟିଏ । ଯିଏ କି ହିଂସ୍ର ଜଙ୍ଗଲୀ ପଶୁ ମାନଙ୍କଠାରୁ ବି' ଅଧିକ ଭୟଙ୍କର । ଅଥବା, ରାସ୍ତା କଡରେ ପଡି ରହିଥିବା ପରିତ୍ୟକ୍ତ ପଥରଟେ ପରି, ଯାହାକୁ ମନଇଚ୍ଛା ଯେ' ଯେତେବେଳେ ପାରେ ମାରି ଚାଲିଯାଏ ଗୋଇଠାଟେ ।

ଇନ୍ଦ୍ରପୁରୀର ସ୍ୱପ୍ନ ଦେଖାଇଥିବା ସବୁ ସୁଖ,ସ୍ୱାଚ୍ଛନ୍ଦର ସ୍ୱପ୍ନକୁ ଶୋଷି ନେଲା ପରେ ଶେଷରେ ଖୋଜି ବୁଲେ ସେ ନାରୀ ଆଉ ଏକ ସରଳ, ପରାକ୍ରମୀ କା'ପୁରୁଷ । ନିଜର କାମନା ବାସନାକୁ ଚରିତାର୍ଥ କରିବାକୁ ଯାଇ ସଜାଇ ବସେ ପୁଣି ଏକ ରଙ୍ଗମହଲ । ଛଳନା ପ୍ରେମର ଅଡୁଆ ସୂତାରେ ଛନ୍ଦି ତାକୁ କବଳିତ କରି ଛାଡେଇନିଏ ବିଚରା ପୁରୁଷର ଜୀବନ ଓ ଜୀବିକା । ଛଡାଇ ନେଇ ହଜାଇ ଦିଏ ପରିବାରର ସକଳ ସୁଖ , ଶାନ୍ତି ଇତ୍ୟାଦି । ପୁରୁଷଟି କାମାନ୍ଧରେ ଅନ୍ଧ ହୋଇ ଫନ୍ଦି ଫିକରରେ ଫସିଯାନ୍ତି ସେ'ହି ମାୟାବିନୀ ମୋହିନୀ କନ୍ୟା ମାନଙ୍କର ମାୟାଜାଲରେ ।

'ନାରୀଟିଏ ସାଜେ ନାରୀ ପାଇଁ ଅରି,
ଏଠି ନାରୀ ହିଁ ନାରୀର ବଇରୀ' ।

ପୁରୁଷ ହେଉ କି ନାରୀ, କାମନା ବାସନା ହାତରେ ଚାବିଦିଆ କଣ୍ଢେଇଟିଏ ମାତ୍ର ଅବିବେକି ମଣିଷଟି । ଗୋଟେ ନିରିହା ନାରୀକୁ ବିରହ ନିଆଁରେ ଝାସିଦେଇ ତୋଳିବାକୁ ବାହାରିଯାଏ ବାଲୁକାମୟ କଳ୍ପନାରେ ପ୍ରୀତିର ନଅରଟିଏ ଏହି କାମୁକ ପୁରୁଷ । ଯାହା ଅଧର୍ମ , ଅସତ୍ୟ , ଅବାସ୍ତବ ମଧ୍ୟ । ନିମିଷକେ ଚୁରମାର ହୋଇଯାଏ ସବୁ ମରିଚିକାର ସ୍ୱପ୍ନ । ଯେଉଁଥିରେ ନ'ଥାଏ ନିଷ୍ଠା,ସମର୍ପଣ । ଅବା, ଯେଉଁ ବନ୍ଧନ କୌଣସି ନିର୍ଦ୍ଦିଷ୍ଟ ନୀତି,ନୟମ ଓ ଶୃଙ୍ଖଳାର ବଶବର୍ତ୍ତୀ ନୁହେଁ । ବରଂ ଥାଏ ସ୍ୱାର୍ଥନ୍ୱେସୀର ଅଭିସ୍ଥାରେ ପରିପୂର୍ଣ୍ଣ । କୁହୁଡି ଘେରାରେ ଆଚ୍ଛାଦିତ ଗୋଲାପ ବଣର ମାୟା ମରିଚିକାର ପ୍ରହେଳିକା ସଦୃଶ୍ୟ ମାତ୍ର ......!!!

ନିଦ ଭାଜେ । ସମୟ ଆସେ ମଣିଷ ବୁଝି ପାରେ ନିଜର ଭୁଲ । ମାତ୍ର, ଫେରିବାକୁ ଆଉ ପାଏ ନାହିଁ ବାଟ । ଯଦିଓ ଫେରିଆସେ ତା'ର କୁଟା କାଠିର ସଂସାର କୁଡ଼ିଆ ଭିତରକୁ । କିନ୍ତୁ, ସରି ଯାଇ ଥାଏ ଜୀବନର ଅନେକ ମୂଲ୍ୟବାନ ସମୟ , ହଜି ଯାଇଥାଏ ଯୌବନ । ଲିଭି ଯାଇଥାଏ ଜୀବନର ସବୁ ସୁଖ । ଆଖିର ଲୁହରେ ଭିଜି ଭିଜି ଘୁଷୁଡି ଯାଇଥାଏ ସୁଖ ସ୍ୱପ୍ନର ସ୍ତୁପ ସୁନ୍ଦର ତାଜମହଲଟି । ସମ୍ପର୍କର ଅଡୁଆ ଅଫିଟା ଗଣ୍ଠିକୁ ଫିଟେଇବାର ଅକ୍ଳାନ୍ତ ଚେଷ୍ଟାରେ ବଞ୍ଚିବାକୁ ହୁଏ ଜୀବନଟା କୁ । ଜୀଇଁ ବାକୁ ହୁଏ କେବଳ ବୟସଟାକୁ ଆୟୁଷଟିକୁ । ମାରିବାକୁ ଥାଏ ଅବଶିଷ୍ଟ ନିଶ୍ୱାସ ସତ ଅନିଚ୍ଛା ସତ୍ୱେ । ବଞ୍ଚିବାକୁ ତ'ହୁଏ ! କିନ୍ତୁ, ହଜି ଯାଇଥିବା ସବୁ ଆଶା । ଅଭିଳାସାରେ ସୁକୁ ସୁକୁ ହେଉଥିବା ଜୀବନ୍ତ ଶବକୁ ବୋହି ବଞ୍ଚିବାକୁ ହୁଏ ମରି ମରି । ବିଶ୍ୱାସ – ଭରସାର ବସାରେ ଯାହା ପାଇଁ କରିଥାଏ କେତେ କେତେ ବ୍ରତ, ଓଷା ଉପବାସ ଓ ମନାସି ଥାଏ ମାନସିକ ଆଉ ଜାଳିଥାଏ ଉଜାଗରୀ ଅଖଣ୍ଡର ଦୀପ । ସ୍ତ୍ରୀ ଟି ମନରେ ଉତୁରି ପଡୁଥିବା ରାଗ, ମାନ, ଅଭିମାନରେ ସ୍ୱାମୀଟିର ଥିବା ନ'ଥିବା ହୋଇଯାଏ ତା'ପାଇଁ ସବୁ ସମାନ । କାରଣ,,, ଦେହର ଭୋକ କୁ ଶାନ୍ତ କରିବାକୁ ଯାଇ ସୃଷ୍ଟିର ସମସ୍ତ ଜୀବଜଗତ ରଖିଥାନ୍ତି ଶାରୀରିକ ସମ୍ପର୍କ ଏବଂ କରିଥାନ୍ତି ଯୌନକ୍ରିୟା । କିନ୍ତୁ, ସେ' ସମ୍ପର୍କରେ ମଣିଷ ହୋଇ ଯଦି ନ'ଥାଏ ସମ୍ମାନ, ସାନ୍ତ୍ୱନା, ସମବେଦନା, ଉତ୍ସର୍ଗୀକୃତ ସ୍ନେହ ପ୍ରେମ ସଭାବନାର ମଧୁର ମୁହୂର୍ତ୍ତ !! ସେ କି' ପ୍ରକାର ସମ୍ପର୍କ.......!!! ସେ' କି' ପ୍ରକାର ସଂସାର ପୁଣି ବନ୍ଧନ....!!

ଯାହାର ଅସ୍ତିତ୍ୱ ଓ ବ୍ୟକ୍ତିତ୍ୱକୁ ଜ୍ୱଳନ୍ତ ଅଗ୍ନିକୁ ନିକ୍ଷେପ କରି ସମାଲୋଚନାର ସରବ୍ୟ ଭୟରେ ଉଦ୍ଧାର କରିବାର ଆଖିଦୃଶିଆ ପ୍ରହସନ ର ପ୍ରୟାସ କରିଥାଏ ପୁରୁଷ । ମୃତ୍ୟୁର ସମନ ଦେଇ ଜୀବନ ଯାକର ଜୀବନ୍ତ ମରଣ ପରି ଅର୍ଦ୍ଧଦଗ୍ଧ ଅବସ୍ଥାରେ ଦରମାରା କରି ଛାଡିଦେଇ ମଜା ଦେଖୁଥାଏ ଅତି ଅମାନୁସିକତାର ଦୁଃସ୍ଥ

ମାନସିକତା ନେଇ !! ଅନୈତିକ ଭାବେ ଗୋଟେ ନାରୀ ସବୁ ସୁଖ ସୁବିଧା ସାଉଁଟିଲା ବେଳେ ସେଠି ଅଧିକାରୀ କୃତ ଅର୍ଦ୍ଧାଙ୍ଗିନୀଟି ବଂ* ଅତି ଦୟନିୟ ଭାବରେ । ଯାହାର ସାରମର୍ମ ଖୁବ୍ ହୃଦୟ ବିଦାରକ ଓ ଭାବଗର୍ଭକ ନିଶ୍ଚିନ୍ତ । ପ୍ରେମ ତ' ତ୍ୟାଗ ଓ ସମର୍ପଣ ର ପ୍ରତୀକ ମାତ୍ର । ସତରେ କ'ଣ ଏପରି ବୃହନଳା କାମୁକ ଚରିତ୍ର ମା ପ୍ରେମ କରୁଥାନ୍ତି ?? ବରଂ ନାଁ, ସେମାନେ କେବେ କାହାରି ବି' ହୋଇପାରନ୍ତି ନାହିଁ । ହୁଅନ୍ତି ତ କେବଳ ନିଜ ସ୍ୱାର୍ଥର । ପୁରୁଷଟି ବୁଝିପାରେନି ସେ ମାୟାବିନୀ ର ମାୟା । ତା'ରି ଚାରିପଟେ ଘୁରି ବୁଲୁଥାଏ ଅପ୍ରାପ୍ତିର ଦାବାନଳରେ ନିଜ ଦୈହିକ ଲାଳସାର ଚରିତାର୍ଥ ଲାଗି । ଦୁଃଖ ଦୁର୍ଦ୍ଦଶାରେ ପାଗେଳିଟେ ପରି କାଳତିପାତ କରୁଥିବା ସ୍ତ୍ରୀ ଟିର ଦେଖି ପାରେନି ହତଶିରି ଅଭଗା ସ୍ୱାମୀଟି । ସେଠି ବିଚରା ସ୍ତ୍ରୀ ଟି ବି' ଭାବି ପାରେନି କିଛି । କ'ଣ କରିବ ? ବାଟଭୁଲା ସ୍ୱାମୀ କୁ ଫେରେଇ ଆଣିବା ପାଇଁ ଅଣ୍ଟାରେ ଲୁଗା ଭିଡିବ ! କାହିଁକି କେଜାଣି ଏକ ଅଜଣା ଭୟରେ ଥରିଉଠେ ତାର ଦେହ । ଏନେ ଲୋକ ଲଜ୍ୟା ର ଡର । କ'ଣ ଭାବିବ ଏ ସମାଜ....! ସତରେ କଣ ମୁଁ ମୋ' ସ୍ୱାମୀଙ୍କୁ ଗୋଟେ ସ୍ତ୍ରୀ ର ସବୁ ସୁଖ ସନ୍ତୁଷ୍ଟି ଦେବାରେ ଅକ୍ଷମ...!! ମନ ଆଉ ମସ୍ତିକ ଭିତରେ ଚାଲେ ରୀତିମତ ଅନ୍ତର୍ଦ୍ୱନ୍ଦ । ପେଷି ହୋଇଯାଏ ବିଚାରିଟି ର ବିରହି ଜୀବନ ଓ ଶିଥିଳ ଯୌବନ ।

'ଆଲୋ ସଖି ଆପଣା ମହତ ଆପେ ରଖି'

ଏହା ଭାବି ଜୀବନ ସଂଘର୍ଷରେ ଚୁପ ହୋଇଯାଏ ଧୀରେ ଧୀରେ । ଆଉ ଗୁମୁରି ଗୁମୁରି କବାଟ କୋଣ ରେ କାନ୍ଦିବା ଛଡା ଉପାୟ ପାଏନାହିଁ କିଛି ।

'ସ୍ୱାମୀ ପଛେ ମରୁ ....... ସୁତୁଣୀ ରାଣ୍ଡ ହେଉ'

ଏଭଳି ଆକ୍ରୋସର ଶିକାର ମଧ୍ୟ ହୋଇଯାଏ ସମୟକ୍ଷନୁକ୍ରମେ ନାରୀ ଟି । 'ଚୋର କୁ ମାନ କରି ଖାପରାରେ ଖାଇଲା ' ପରି ଭାବିବସେ 'ଘର ପଛେ ପୋଡୁ ହେଲେ, ମୂଷା କେଞ୍ଚେ ପାଉ' । ଏପରି ନାନା ବିଷାକ୍ତ ବଳୟର ଭାବନାରେ କବଳିତ ହୋଇଯାଏ ତାର ସ୍ଥିତି , ଅବସ୍ଥିତି ଆଉ ପରିସ୍ଥିତି । ଏହିପରି ପ୍ରତିହିଂସା ଓ ପ୍ରତିଶୋଧ ର ବହ୍ନିରେ ଜଳି ଉଠେ ତା' ଅସ୍ଥିର ଜୀବନ ।

ସାମ୍ବିଧାନିକ କି ଧାରା କି ନୀତି ନିୟମ ଓ ଆଦର୍ଶରେ ଆଉ କୋଉ ପରିପ୍ରେକ୍ଷୀରେ ଏପରି ନିଷ୍ପତି ନିଆ ଯାଇଛି କେଜାଣି ?? ଅନୈତିକ ବୋଲି କିଛି ସମ୍ପର୍କ ହିଁ ନାହିଁ !!! ତାହା କେତେଦୂର ଯଥାର୍ଥ ଆଉ ପ୍ରଯୁଜ୍ୟ ତଥା ଗ୍ରହଣ ଯୋଗ୍ୟ ?? ତାହା ମୁଁ ଜାଣେନା । ହଁ, ଏତିକି ଜାଣେ ଜୀବନ ଜୁଆରରେ ସବୁବେଳେ ଝାସ ଦିଏ ନିରୀହ ଆଉ ସରଳ ବିଶ୍ୱାସୀ ପ୍ରାଣୀଟି । ସେ'ପୁରୁଷ ହେଉ ଅବା ନାରୀ । ମୋ'ର କୌଣସି ଇଙ୍ଗିତ କୋଉ ଲିଙ୍ଗ ଅବା ବ୍ୟକ୍ତିଗତ ଜୀବନ ଉପରେ ନାହିଁ । ବରଂ ପ୍ରାସଙ୍ଗିକତା ହେତୁ ସଚେତନତାର ବାର୍ତା ଏଥିକି -- ' ସାବଧାନ ,, ସାବଧାନ ମୋର ସରଳ, ନିରୀହ , ନିଷ୍କପଟ ସାଧୁ- ସୁଧି ବୃନ୍ଦ । ଏ'ଭଳି ନଷ୍ଟ ଚରିତ୍ର ଲମ୍ପଟ କାମୁକ ପୁରୁଷ ଓ ବାରଙ୍ଗନା ଲକ୍ଷାହିରା ମାନଙ୍କୁ । ସତ୍ୟ ଯୁଗର ରାମରାଜ୍ୟରେ ବି ରାବଣ ମାନେ ଥିଲେ । ସେଠି ନାରୀ ଚରିତ୍ରରେ ବି ଥିଲେ ମନ୍ଥରା - ସୃପଣେଖା ପରି କୁଟିଳ ରକ୍ଷାସି । କହିବା କଥା ଯେ , ମା' ପେଟରୁ କେହିବି ଖରାପ ହୋଇ ଜନ୍ମ ହୋଇନଥାନ୍ତି । ପରିବେଶ , ପରିସ୍ଥିତି, ସମୟ ଓ ପ୍ରକୃତି ଆମ ମାନଙ୍କୁ ବିଶ୍ୱ ଦରବାରରେ ଭଲ କିମ୍ବା ମନ୍ଦ କରି ଠିଆ କରେଇ ନୂତନ ପରିଚୟ ପ୍ରଦାନ କରେଇ ଦେଇଥାଏ ଅକ୍ଳେଶରେ । ନିଜେ ସଚେତ ରହିବା ଅନ୍ୟ ମାନଙ୍କୁ ମଧ୍ୟ ସଚେତନ କରିବା । 'ଆପଣା ହସ୍ତେ ଜିହ୍ୱା ଛେଦି ... ପରି ପରିସ୍ଥିତି କେବେ ସୃଷ୍ଟି ହେବାକୁ ଦେବାନାହିଁ । ସତର୍କ ରହିବା, ସତର୍କ କରିବା । .'ବିଷ କୁମ୍ଭ ପ୍ରୟୋ ମୁଖମ' ଭଳି ମିଠା ଛୁରୀ ଙ୍କୁ ଦୂରରୁ ଜୁହାର କରି ନିବୃତ ରହିବା ସେହି କୁସଙ୍ଗରୁ । ଏ'ସମାଜକୁ ସୁସ୍ତ ,ସୁନ୍ଦର, ଓ ସମୃଦ୍ଧ କରି ଗଢି ତୋଳିବାକୁ ନିଜ ର ସତ ପ୍ରତିଶତ ଯୋଗଦାନ ଜାରି ରଖିବା । ଧନ୍ୟବାଦ ।

ଜୟ ଜଗନ୍ନାଥ ।

*ମଧ୍ୟ ଶାସନ, ଜଗତସିଂହପୁର*

# ହେ କ୍ରାନ୍ତିପଥର ଯାତ୍ରୀ

— କୁଞ୍ଜବିହାରୀ ରାଉତ

ହେ କ୍ରାନ୍ତିପଥର ଯାତ୍ରୀ,
ତୁମର ଏ ଶେଷହୀନ ଯାତ୍ରାପଥେ,
କାହିଁ ତୁମେ ଗୋଲାର୍ଦ୍ଧର
କେଉଁଠାରେ ଦୂରଚକ୍ରବାଳେ
ମିଶିଗଲ,
ନିର୍ନିମେଶ ନୟନରେ
ନିବୁଜ ଆକ୍ଷିରେ ଧ୍ୟାନକଲେ,
ତୁମ ରୂପ, ତୁମ ଛବି,ତୁମ କଥା
ସ୍ୱପ୍ନ ପରି ଗୋଟିଗୋଟି ଭାସି ଆସେ
ଲାଗେ, ଯେପରି ତୁମେ ଆମ ପାଖେପାଖେ
ରହି ନିର୍ଣ୍ଣାୟକ ପଥ ଦେଖାଉଛ ।
ତୁମେ ଥିଲ ଭୀଷ୍ମ ପିତାମହ,
ଲକ୍ଷ୍ମଣର ରେଖା ଟାଣି ବିପ୍ଳବର
ନାନ୍ଦୀପାଠ କଲାବେଳେ,
        ତୁମ ଧନୁଷ୍ଟୋଟିର ପ୍ରତିଜ୍ଞାରୁ
ଝରୁଥିଲା ଅଗ୍ନିର ସ୍ଫୁଲିଙ୍ଗ
ଆଉ ଶୁଭୁଥିଲା ଝଡର ଝଙ୍କାର ।
ହେ କରିତକର୍ମା କର୍ମଯାଗୀ !
ସାଲିସ ବିହୀନ ଯୁଦ୍ଧପାଇଁ
ସଂଗ୍ରାମର ହେ ସାଥୀ,ସାରଥୀ
କୁରୁକ୍ଷେତ୍ରେ ଯୁଦ୍ଧ ଭୂମେ
କିଏ ଆଉ ଶୁଣାଇବେ
ସାମ୍ୟବାଦର ଗୀତା
କିଏ ଆଉ
ଅର୍ଜୁନମାନଙ୍କୁ ଦିବ୍ୟନେତ୍ର ଦେଇ
କରାଇବେ ବିଶ୍ୱରୂପର ଦର୍ଶନ ।
ତୁମର ଏ ମହାଯାତ୍ରା ପଥୁ
ଫେରିଆସ, ହେ ସୀମାନ୍ତ ପଥିକ !
କ୍ରାନ୍ତିହୀନ କ୍ରାନ୍ତିପଥ
କେବେ ହୁଏ ନାହିଁ ଶେଷ ।
ନିର୍ବାକ ନିଷ୍ପନ୍ଦ ଆଜି ତୁମରି ସେନାନୀ
ତୁମ ପ୍ରେରଣାରେ
ସାମ୍ରାଜ୍ୟବାଦୀ ପୁଞ୍ଜିପତିର ମହାସମାଧିରେ
ସାମ୍ୟବାଦୀ ଧ୍ୱଜା ତୋଳି
ବାହିନେବେ ମୃତ୍ୟୁଞ୍ଜୟୀ ରଥ....ବାହିନେବେ......

*ପ୍ଲଟ-୧୪୮/୫, ହମିରପୁର, ରାଉରକେଲା-୩*

# ଡାକୋଟା ଫେରିଚି

— ରଞ୍ଜନ କୁମାର ବ୍ରହ୍ମା

ଓଡିଶା ଡାକରେ ଡାକୋଟା ଫେରିଚି
ଫେରିଛି ଜାତିର ମାନ ।
ମାଆର ପଣତ ସରଗଠୁ ବଳି
ମାତୃଭୂମି ପ୍ରିୟ ସ୍ଥାନ ।।

ପିତା ପ୍ରତି ଭକ୍ତି ଜାତି ପ୍ରତି ଭେଟି
ଏହାଠୁ ବଡ଼ କି ଅଛି ?
ଦାୟାଦ କର୍ତ୍ତବ୍ୟ ଓଡ଼ିଆ ପ୍ରାଣକୁ
ପୁଲକିତେ ହସାଇଛି ।।

ସିଂହାସନେ ବସି ରାଜରଷି ସମ
ରାଇଜ ପାଳିବା ଧର୍ମ ।
ଯା'ପାଖେ ରହିଛି କେବେ ନ ହଜିଛି
ପ୍ରବାଦ ବୀର ତା ଜନ୍ମ ।।

ଆଜିର ଦିନକୁ କେବେ ନ ଭୁଲିବ
ଏ ମାଟି ଓଡ଼ିଆ ପୁଅ ।
ପୂରୁବ ସମୟ ଫେରାଇ ଆଣିବ
ସମୃଦ୍ଧି ଖୁସିର ସୁଅ ।।

*ଚିକିଟୀ ଗଡ଼, ଗଞ୍ଜାମ*

# ମଦ

– ଶିବ ପ୍ରସାଦ ବାହିନୀପତି

'ମଦ'– ଏହାକୁ କିଏ ନ ଚିହ୍ନେ ! ଏ ଶବ୍ଦଟି ଉପରେ ପିଲା ଠାରୁ ବୁଢ଼ା ଯାଏଁ ସମସ୍ତେ ପରିଚିତ । ଆଜିକା ଦୁନିଆରେ ମଦ୍ୟପଙ୍କ ସଂଖ୍ୟା ବହୁତ । ମଦ୍ୟପଙ୍କ ଗହଣରେ ମଦ ବନ୍ଧୁଟିଏ ହୋଇପାରିଛି । ସବୁଠି ସବୁ କ୍ଷେତ୍ରରେ ମଦର ଉପସ୍ଥିତି ମଦକୁ ପ୍ରାଧାନ୍ୟତା ପ୍ରଦାନ କରିଛି । ବିବାହ, ଜନ୍ମଦିନ, ବଣଭୋଜି ଏପରିକି ଶ୍ମଶାନରେ ଶବଦାହ ବେଳେ ବି ମଦର ଆବଶ୍ୟକତା ପରିଲକ୍ଷିତ ହେଉଛି । କେହି କେହି ଖୁସିରେ ପିଅନ୍ତି ତ ପୁଣି କିଏ ଦୁଃଖରେ ପିଅନ୍ତି । ଆଉ କେହି ଶ୍ରମ ଲାଘବ ପାଇଁ ମଦ୍ୟପାନ କରୁଥିବାର ଦେଖାଯାଏ । ମଦ ଶରୀର ପ୍ରତି କେତେ ହାନିକାରକ ସେ ସବୁ ଜ୍ଞାନ ଥାଇ ବି ଜନସମାଜ ଅଜ୍ଞତାର ବଶବର୍ତ୍ତୀ । ଅତ୍ୟଧିକ ମଦ୍ୟପାନ ହେତୁ ଉଜୁଡି ଯାଉଛି ସଂସାର; ଭାଙ୍ଗି ଯାଉଛି ଘର ଓ ପରିବାର । ସୃଷ୍ଟି ହେଉଛି ମତଭେଦ ଓ ମନୋମାଳିନ୍ୟ; ପରସ୍ପର ମଧ୍ୟେ ବିଭେଦନ । ଜାଣି ଜାଣି ଅପମୃତ୍ୟୁକୁ ଆମନ୍ତ୍ରଣ କରାଯାଉଛି ଏଇ ମଦ୍ୟପାନ ଜରିଆରେ । କଥାରେ ଅଛି – 'ଅତି ସର୍ବଦା ଇତି'; ଅତ୍ୟଧିକ ମାତ୍ରାରେ ମଦ୍ୟପାନ ଶରୀରରେ କୁପ୍ରଭାବ ପକାଏ । ସାଧାରଣ ଭାବରେ 'ମଦ'ର ଅର୍ଥ ମୋ ଭାଷାରେ କହିବାକୁ ଗଲେ – 'ମୃତ୍ୟୁର ଦ୍ୱାର' । 'ମ' ଶବ୍ଦର ଅର୍ଥ –'ମରଣ' ଓ 'ଦ' ଶବ୍ଦର ଅର୍ଥ –'ଦହନ' । ମଦ୍ୟପକୁ ମଦ ସାରା ଜୀବନ ଅଜ୍ଞାତରେ ହନ୍ତସନ୍ତ କରେ । ଶରୀର ଭିତରେ ପ୍ରବେଶ ମାତ୍ରରେ ସୃଷ୍ଟି ହୁଏ ଉତ୍ତେଜନା ; ଧିରେ ଧିରେ ଦହନ କରିଚାଲେ ଶରୀରକୁ । ଶରୀରର ଏକ ଏକ ଅଙ୍ଗକୁ 'ମଦ' ତା'ର ଉତ୍ତାପରେ ଉତ୍ତପ୍ତ କରି ଜାଳି ପୋଡି ଚାଲେ ଏବଂ ପରିଶେଷରେ ମୃତ୍ୟୁର ଦ୍ୱାର ଦେଶରେ ଦଣ୍ଡାୟମାନ କରିଦିଏ । ଆଭ୍ୟନ୍ତରୀଣ ଅଙ୍ଗ ଗୁଡ଼ିକ ଜଳି ପୋଡ଼ି ଅକାମୀ ହୋଇଗଲା ପରେ ମଣିଷ ମରିଯାଏ ; ଶେଷରେ ଆତ୍ମୀୟସ୍ୱଜନମାନେ ତା'ର ଶରୀରଟାକୁ ନେଇ ଶ୍ମଶାନରେ ଦାହ କରିଦିଅନ୍ତି । ଅର୍ଥାତ୍, ଭିତର ଅଙ୍ଗ ପାଉଁଶ ହୋଇସାରିଛି କହିଲେ ଚଳେ; ବାହ୍ୟ ଅଙ୍ଗକୁ ଶ୍ମଶାନରେ ପାଉଁଶ କରି ଦିଆଯାଏ । ତେବେ କୁହନ୍ତୁ ତ, ଏ 'ମଦ' ହିତାକାଂକ୍ଷୀ ବନ୍ଧୁ ନା ଅଜାତଶତ୍ରୁ ?

ପ୍ରଥମେ ଜାଣିବା 'ମଦ' କ'ଣ ଓ କେଉଁଥିରୁ ତିଆରି । 'ମଦ' ଏକ ନିଶା ଉଦ୍ରେକକାରୀ ପାନୀୟ ଯାହା ବିଭିନ୍ନ ପ୍ରକାର ଦ୍ରବ୍ୟରୁ ପ୍ରସ୍ତୁତ । 'ମଦ'କୁ ଦୁଇ ଭାଗରେ ବିଭକ୍ତ କରାଯାଇଛି ;ଯଥା – 'ଦେଶୀ ମଦ' ଓ 'ବିଦେଶୀ ମଦ' । ମଦ୍ୟ, ମଦିରା, ସରାପ, ତାଡି – ଏସବୁ 'ଦେଶୀ ମଦ' ଅନ୍ତର୍ଭୁକ୍ତ ଅଟନ୍ତି । 'ବିଦେଶୀ ମଦ' ଜଳ ଅତିରିକ୍ତ ପାନୀୟ ଶ୍ରେଣୀରେ ଜଣାଶୁଣା ; ଯାହାକୁ ଇଂରାଜୀରେ ବିଭରେଜ(Beverage) କୁହାଯାଏ । ଏହାକୁ ଅନ୍ୟ ଅର୍ଥରେ ହାର୍ଡ୍ ? ଡ୍ରିଙ୍କ୍ ? କୁହାଯାଏ ; ଏତତ୍ ଭିନ୍ନ ଅନ୍ୟ ପାନୀୟ ମାନଙ୍କୁ ସଫ୍ଟ ? ଡ୍ରିଙ୍କ୍ ? କହନ୍ତି । 'ବିଦେଶୀ ମଦ'କୁ ତିନୋଟି ଶ୍ରେଣୀରେ ବିଭକ୍ତ କରାଯାଇଛି ; ଯଥା –'ବିୟ ?(beer), ୱାଇନ୍ ?(wines), ସ୍ପିରିଟ (sprits) । ସାରା ପୃଥିବୀରେ ଅନେକ ଦେଶର ଲୋକମାନେ ଏହାକୁ ପିଅନ୍ତି । ଏକଶହରୁ ଅଧିକ ଲୋକ ଏହାର ତିଆରି,ବିକ୍ରୀ,ପାନ କରିବା ଉପରେ ନିୟମ ସୃଷ୍ଟି କରିଛନ୍ତି ।'ମଦ୍ୟ'କୁ ଦ୍ୱାଦଶ ଭାଗରେ ବିଭକ୍ତ କରାଯାଇଛି । ସେଗୁଡ଼ିକ ହେଲା – ମାଧ୍ୱୀ ବା ମାଧ୍ୱୀକ, ଐକ୍ଷବ, ଦ୍ରାକ୍ଷବ, ତାଳ, ଖାର୍ଜୁର, ପାନସ, ମୈରେୟ, ପାକ୍ଷିକ, ଟାସ୍କ ବା ଟାଙ୍କ, ମଧୁକ ବା ମାଧକୀ, ନାରୀକେଳନ, ଅନ୍ନବିକାରେତ୍ ? । ମହୁରୁ ମାଧ୍ୱୀକ ବା ମାଧ୍ୱୀ ନାମ୍ନୀ ମଦ ପ୍ରସ୍ତୁତ କରାଯାଉଥିବା ବେଳେ ଆଖୁ ରସରୁ – ଐକ୍ଷବ, ଅଙ୍ଗୁର ରସରୁ –ଦ୍ରାକ୍ଷବ, ତାଳ ଗଛର ରସରୁ ପ୍ରସ୍ତୁତ ହୁଏ –'ତାଳ' ନାମଧେୟ ମଦ୍ୟ ଏବଂ ଖଜୁରୀ ଗଛରୁ ପ୍ରସ୍ତୁତ ମଦ୍ୟର ନାମ 'ଖାର୍ଜୁର' । ସେହିପରି ପଣସ ଫଳରୁ 'ପାନସ', ଧାଇଫୁଲ ଓ ଗୁଡ଼ରୁ 'ମୈରେୟ', ଏକପ୍ରକାର ନୀଳବର୍ଣ୍ଣର ମହୁମାଛିର ସଂଗୃହୀତ ମଧୁରୁ 'ପାକ୍ଷିକ', ସୋମଲତା ରସରୁ 'ଟାସ୍କ ବା ଟାଙ୍କ', ମହୁଲ ଫୁଲ ରସରୁ 'ମଧୁକ ବା ମାଧକୀ' ନାମ୍ନୀ ମଦ୍ୟ ପ୍ରସ୍ତୁତ କରାଯାଉଥିବା ବେଳେ ନଡିଆ ଗଛର ଅଫୁଟା ଖୋସାର ଅଗ କାଟିଲେ ତହିଁରୁ ନିର୍ଗତ ହେଉଥିବା ରସରୁ ପ୍ରସ୍ତୁତ କରାଯାଏ 'ନାରୀକେଳନ' ନାମକ ଏକପ୍ରକାରର ମଦ୍ୟ । ଚାଉଳ ଆଦିକୁ ସିଝାଇ ବାଖର ଦେଇ ସଡ଼ାଇ ବକ ଯନ୍ତ୍ର ଦ୍ୱାରା ଅର୍କ କାଢ଼ି ପ୍ରସ୍ତୁତ ହେଉଥିବା ମଦ୍ୟକୁ 'ଅନ୍ନବିକାରେତ୍ ? ନାମ ଦିଆଯାଇଅଛି ।

ବୃକ୍ଷ, ପୁଷ୍ପ, ଫଳ ଇତ୍ୟାଦିର ରସକୁ ସଡ଼ାଇ ଯେଉଁ ପାନୀୟ ପ୍ରସ୍ତୁତ କରାଯାଏ, ତାହାକୁ ମଦ୍ୟ ବୋଲାଯାଏ । ଏହାକୁ ପାନ କଲେ ନିଶା ହୁଏ । ରାତିରେ ଝରିଥିବା ଖଜୁରୀ ଆଦି ସଦ୍ୟ ରସରେ ନିଶା ହୁଏନାହିଁ ; କିନ୍ତୁ ତାହା ବାସି ହୋଇଗଲେ ନିଶାରେ ପରିଣତ ହୋଇଯାଏ । ଅର୍ଥାତ୍ ସୂର୍ଯ୍ୟ କିରଣ ପଡ଼ିଲେ ତାହା

ନିଶା ପାନୀୟରେ ପରିବର୍ତ୍ତନ ହୋଇଯାଏ । ଭାରତରେ ଖଜୁରୀ ଗଛର ବେକ ପାଖ କନ୍ଦାକୁ କ୍ଷତ କରି ଯେପରି ତାଡ଼ି ବାହାର କରନ୍ତି, ସେପରି ଉତ୍ତର ଭାରତରେ ତାଳ ଗଛରୁ ସେହିପରି ତାଡ଼ି ହୁଏ । ମାନ୍ଦ୍ରାଜ ଅଞ୍ଚଳରେ ନଡ଼ିଆ ଗଛର ଅଫୁଟା ଖୋସାର ଅଗ କାଟିଲେ ସେଥିରୁ ଯେଉଁ ରସ ବାହାରେ, ସେ ରସରୁ ତାଡ଼ି ହୁଏ । ଇଉରୋପ ଆଦିରେ ଦ୍ରାକ୍ଷା ବା ଅଙ୍ଗୁର ରସକୁ ସଢ଼ାଇ ବକ ଯନ୍ତ୍ର ଦ୍ୱାରା ଅର୍କ କାଢ଼ି ମଦ୍ୟ ପ୍ରସ୍ତୁତ କରାଯାଏ । ଚାଉଳକୁ ରାନ୍ଧି ଓ ତାକୁ ସଢ଼ାଇ କିମ୍ବା ଯବ ଓ ଗହମ ଆଦିକୁ ସିଝାଇ, ସଢ଼ାଇ, ସେଥିରୁ ଅର୍କ କାଢ଼ି ମଦ୍ୟ ତିଆରି କରାଯାଏ । ଗଡ଼ଜାତ ଅଞ୍ଚଳରେ ମହୁଲ ଫୁଲକୁ ପାଣିରେ ସିଝାଇ ତାକୁ ସଢ଼ାଇ ସେଥିରୁ ପ୍ରସ୍ତୁତ କରାଯାଏ ମହୁଆ ମଦ ଏବଂ ଚାଉଳକୁ ରାନ୍ଧି, ସଢ଼ାଇ ପ୍ରସ୍ତୁତ ହେଉଥିବା ମଦ୍ୟକୁ ହାଣ୍ଡିଆ ମଦ କହନ୍ତି । କେହି କେହି ଆଖୁ ଦୋରୁଅରୁ ଏବଂ ମହୁରୁ ବି ମଦ୍ଯ ପ୍ରସ୍ତୁତ କରନ୍ତି । ସବୁ ମଦର ପ୍ରଧାନ ଉପାଦାନ ମିଠା ପଦାର୍ଥ ଏବଂ ତାହା ସଢ଼ିଗଲେ 'ତାଡ଼ି' ହୁଏ । ସେହି ତାଡ଼ିରୁ ବାହାରୁଥିବା 'ଅର୍କ' ନିଶାଯୁକ୍ତ । ରୋଗବିଶେଷରେ ଓ ଧାତ ଦୌର୍ବଲ୍ୟାଦିରେ ଚିକିତ୍ସକମାନେ ରୋଗୀକୁ ସାମାନ୍ୟ ପ୍ରମାଣେ ମଦ୍ୟ ସେବନ କରିବାକୁ ଉପଦେଶ ଦିଅନ୍ତି ; ତଦ୍ଦ୍ୱାରା ଉପକାର ହେବାର ଦେଖାଯାଏ । କିନ୍ତୁ ଅଭ୍ୟାସ ପୂର୍ବକ ମଦ୍ୟପାନ ଦ୍ୱାରା ମଦ୍ୟପ ନାନାଦି ଲୋଗର ଶିକାର ହେବା ସହ ହିତାହିତ ଜ୍ଞାନ ଭୁଲି ନିଜେ ନିଜର ଅନିଷ୍ଟ କରି ବହୁ ସମସ୍ୟାର ସମ୍ମୁଖୀନ ହୁଏ ।

ପୂର୍ବେ ବୈଦିକ ଯଜ୍ଞରେ ସୋମଲତାକୁ ଛେଚି, ଚିପୁଡ଼ି ଓ ସଢ଼ାଇ 'ମଦ୍ୟ' ପ୍ରସ୍ତୁତ କରି ବ୍ୟବହାର କରାଯାଉଥିଲା । ତନ୍ତ୍ର ଯୁଗରେ ମଧ୍ୟ ପୂଜା ଆଦିରେ ଏବଂ ପଞ୍ଚକର୍ମରେ ସାଧନାରେ 'ମଦ୍ୟ' ବ୍ୟବହାର କରାଯାଉଥିଲା । ଯେତେ ମଦ୍ୟ ଅଛି ସେଥିରୁ 'ଖର୍ଜୁର' ଓ 'ତାଳ' ଶ୍ରେଣୀର ମଦ୍ୟ ପର୍ଯ୍ୟୁସିତ ଓ ଅନ୍ୟ ସବୁ ଅଭିସ୍ରତ ଅଟେ । ଏହାଛଡ଼ା କ୍ୱାଥରୁ ପ୍ରସ୍ତୁତ ଏକ ପ୍ରକାର ମଦିରାକୁ 'ଅରିଷ୍ଟ' କହନ୍ତି । ଧାନ ବା ଚାଉଳର ମଦିରାକୁ 'ସୁରା', ଯବର ମଦିରାକୁ 'କୋହଲ', ଗହମର ମଦିରାକୁ 'ମଧୁଳିକା', ମିଠାରସର ମଦିରାକୁ 'ଶୀଧୁ', ଗୁଡ଼ର ମଦିରାକୁ 'ଗୌଡ଼ି'ଏବଂ ଦ୍ରାକ୍ଷାର ମଦିରାକୁ 'ମାଧ୍ୱୀକ' କହନ୍ତି । ବୈଦଶାସ୍ତ୍ର ମତରେ ବିଭିନ୍ନ ମଦିରାର ବିଭିନ୍ନ ଗୁଣ ଓ ତହିଁର ପ୍ରୟୋଗ ବି ଭିନ୍ନ ଭିନ୍ନ ଅବସ୍ଥାରେ ଉପକାରକ । 'ମଦ'ରେ ୩୦%-୪୦% ଇଥାନଲ୍ ? ବା ଇଥାଇଲ୍ ? ଆଲକୋହଲ ଥାଏ । ପ୍ରସ୍ତର ଯୁଗରୁ ମଦ୍ୟପାନ କରାଯାଉଛି ଜଣାଯାଏ । 'ମଦ'ର ବ୍ୟବହାରିକ ଆବିଷ୍କାର ଖ୍ରୀଷ୍ଟ ପୂର୍ବ ୭୦୦୦-୬୬୦୦ରେ ଜିଆହୁରେ କରାଯାଇଛି । 'ମଦ୍ୟ'ରୁ ୬. ୯୩ କିଲୋକ୍ୟାଲୋରୀ ଶକ୍ତି ମିଳେ । ମଦ୍ୟରେ ବ୍ୟବହୃତ ଆଲକୋହଲଟି ମଦ୍ୟପାନର କିଛି ସମୟ ଭିତରେ ଶରୀରରୁ ଜଳୀୟାଂଶ କମାଇ ଦେବାରୁ ମଣିଷ ବା ମଦ୍ୟପ ନିଶାସକ୍ତ ହୋଇଯାଏ । ଇଥାନଲ ବା ଇଥାଇଲ୍ ? ଆଲକୋହଲ ଏକ ସାଇଟୋଆକ୍ଟିଭ୍ ? ଔଷଧ । ଏହା ପାନ କଲେ ଚେତନା, ଚିହ୍ନିବା ଶକ୍ତି, ବ୍ୟବହାର, ଚିନ୍ତାଶକ୍ତି ଆଦିର ପରିବର୍ତ୍ତନ ହୁଏ । ଏହା ନିଶ୍ଚେତକ ଓ ଯନ୍ତ୍ରଣା ନିବାରକ ଭାବେ ବ୍ୟବହୃତ ହୁଏ ; କିଛି ମାନସିକ ରୋଗୀଙ୍କୁ ବି ଦିଆଯାଏ । ଏହା ପୃଥିବୀରେ ଅପବ୍ୟବହୃତ ଓ ସ୍ୱୟଂ ବ୍ୟବହୃତ ହେଉଥିବା ଔଷଧ । ଏହା ପାନୀୟର ଶତକଡ଼ା କେତେ ଭାଗ, ସେହି ଅନୁସାରେ ହିସାବ ହୁଏ । ଶହେ ମି.ଲି. ପାନୀୟରେ କେତେ ମି.ଲି. ଆଲକୋହଲ ଅଛି ତାହା ପ୍ରକାଶ କରାଯାଏ । ପାତନ ପ୍ରଣାଳୀରେ ୯୫.୬%ରୁ ଅଧିକ ଆଲକୋହଲ ପ୍ରସ୍ତୁତ ହୋଇପାରିବ ନାହିଁ ।

ସଫ୍ଟ ଡ୍ରିଙ୍କ୍ ?ରେ ଆଲକୋହୋଲ ମାତ୍ରା ୦.୫%ରୁ କମ୍ ରଖାଯାଇଥାଏ । ଏବେ କିଛି ଜାଗାରେ ନକଲି 'ମଦ'ର କାରବାର ବହୁ ଜନଜୀବନକୁ ବିପର୍ଯ୍ୟସ୍ତ କରି ପକାଉଛି । ନକଲି ମଦ ତିଆରି ପାଇଁ ସ୍ପିରିଟ, ମଦ ପ୍ୟାକିଂ କରିବା ପାଇଁ ବୋତଲ, ବ୍ୟବହାରିକ ତରଳ ପଦାର୍ଥ, ମଦ ବୋତଲ ସିଲ୍ ? କରିବା ପାଇଁ ମେସିନ୍ ଏବଂ ବିଭିନ୍ନ କମ୍ପାନିର ଲୋଗୋ ବ୍ୟବହାର ହେଉଛି । ମଦ ପ୍ରସ୍ତୁତି କରି ସେଥିରେ ଆର.ଏସ ସ୍ପିରିଟ, ରଙ୍ଗ, ଫେବ୍ଲର୍ ? ମିଶା ଯାଉଛି । କମ୍ ? ଦାମରେ ମଦ ବିକ୍ରୀ କରି ଅଧିକ ଲାଭବାନ ହେବା ଆଶାରେ ମଦ ମାଫିଆମାନେ ଲୋକମାନଙ୍କ ଜୀବନ ସହ ଖେଳୁଛନ୍ତି । ବ୍ରାଣ୍ଡ ଅସଲି ହେଲେ ମଦ ନକଲି । କିଛି ଜାଗାରେ ଭିନ୍ନ ପ୍ରକାରର ନକଲି ମଦ ପ୍ରସ୍ତୁତ ହୁଏ । ଏକ ଡ଼ାମ୍ପଣ ଦ୍ୱାରା ପ୍ରଥମେ ମଦ ବୋତଲରୁ ଠିପି ସାବଧାନର ସହ ଖୋଲାଯାଏ ଯେପରି ଠିପିର ସିଲ୍ ? ନ ଖୋଲି ବି ଠିପିଟି ସମ୍ପୂର୍ଣ୍ଣ ଭାବେ ବୋତଲରୁ ବାହାରି ଆସେ । ପ୍ରତ୍ୟେକ ବୋତଲରୁ କିଛି କିଛି ମଦ ବାହାର କରିନେଇ ଅନ୍ୟ ଗୋଟିଏ ବୋତଲରେ ରଖାଯାଏ । ଯେତିକି ପରିମାଣର ମଦ ବାହାରେ ସେତିକି ମାତ୍ରାର ସ୍ପିରିଟ ଓ ପାଣିକୁ ସେହି ବୋତଲରେ ପୂରାଇ ପୁନର୍ବିକ୍ରୟାର୍ଥେ ବଜାରକୁ ପଠାଯାଏ । ଏ ପ୍ରକ୍ରିୟାରେ ୨୦ଟି ଅସଲି ମଦ ବୋତଲରୁ ୩୦ଟି ପାଖାପାଖି ନକଲି ମଦ ପ୍ରସ୍ତୁତ କରିଥା'ନ୍ତି ନକଲି ବେପାରୀ ।

ୱାଇନ୍ ? ପସନ୍ଦ କରୁଥିବା ବ୍ୟକ୍ତିମାନେ ସପ୍ତାହକୁ ଦୁଇ-ତିନି ଥର ରେଡ୍ ? ୱାଇନ୍ ? ପିଇବା ଦ୍ୱାରା ଏହା ତ୍ୱଚା ଉପରେ ଭଲ ପ୍ରଭାବ ପକାଇ ଥାଏ । ଏଥିରେ ଥିବା 'ଆଣ୍ଟିଅକ୍ସିଡାଣ୍ଟ'

ଏଜିଙ୍ଗ ପ୍ରକ୍ରିୟାକୁ ଧିର କରିଥାଏ । ଏକ ଗବେଷଣାରୁ ଜଣା ପଡ଼ିଛି ଯେ ରେଡ୍? ୱାଇନ୍? ରେ ଦୁଇଟି ତତ୍ତ୍ୱ ଇପିଗେଲେକ୍ଟଜିନ୍? ଏବଂ ଟନିକ୍? ଏସିଡ୍? ପ୍ରଚୁର ପରିମାଣରେ ଥାଏ ; ଯାହା ଆମକୁ ଅନେକ ବଡ଼ ବଡ଼ ରୋଗରୁ ରକ୍ଷା କରେ । ଏହି ରେଡ୍? ୱାଇନ୍? ଗ୍ରୀନ୍? ଟି ପରି କାର୍ଯ୍ୟ କରେ ; ଶରୀରର ବିଷାକ୍ତ ମଲିକ୍ୟୁଲସ୍‌କୁ ପ୍ରସ୍ତୁତ କରିବାକୁ ରୋକେ । ଏ ପ୍ରକାରେ ଗ୍ରୀନ୍‌ଟି ସାହାଯ୍ୟରେ ଆନୁବଂଶିକ ରୂପରେ ହେଉଥିବା ଅନେକ ରୋଗକୁ କମ୍? କରିଥାଏ । ରେଡ୍? ୱାଇନ୍?ରେ ଆଉ ଏକ ଉପାଦାନ ରିଜବେରୋଟଲ ଥାଏ, ଯାହା ଇନସୁଲିନକୁ ନିୟନ୍ତ୍ରଣ କରେ ଓ ମଧୁମେହର କାର୍ଯ୍ୟକୁ ଉନ୍ନତ କରିଥାଏ । ତେଣୁ ସୀମିତ ମାତ୍ରାରେ ରେଡ୍? ୱାଇନ୍? ପିଇବା ଠିକ୍? । ଶୁଣିବାକୁ ଆଶ୍ଚର୍ଯ୍ୟ ଲାଗିଲେ ବି କଥାଟି ସତ ଯେ ଘରୁ ଅସରପାକୁ ବାହାର କରିବାକୁ ରେଡ୍? ୱାଇନ୍? ବ୍ୟବହାର କରାଯାଇ ପାରିବ ।

ଅଧୁନା ସମାଜେ ମଦ୍ୟପାନ ଏକ ଫ୍ୟାସନ କହିଲେ ଚଳେ । ଶୀତପ୍ରଧାନ ପାଷ୍ଚାତ ରାଷ୍ଟ୍ର ଗୁଡ଼ିକରେ ମଦ୍ୟପାନ ଯେତିକି ଫ୍ୟାସନ ନୁହେଁ, ଶରୀର ନିମିତ୍ତ ଏହାର ଆବଶ୍ୟକତା ଅନେକ । ଏହା ଧିରେ ଧିରେ ଲାଇଫ୍? ଷ୍ଟାଇଲ୍? ଭାବେ ଗ୍ରହଣ ହୋଇଗଲାଣି । ବିଶେଷତଃ ହାଇ ସୋସାଇଟିରେ ମଦ୍ୟପାନ ସାଧାରଣ ଖାଦ୍ୟ କହିଲେ ଚଳେ । ବିଶ୍ୱରେ ଦଶଟି ଦେଶ ଅଧିକ ମଦ୍ୟପାନ କରନ୍ତି ବୋଲି ଏକ ସର୍ଭେରୁ ଜଣା ଯାଇଛି । ବେଲାରଷ, ଅଣ୍ଡୋରା, ଲିଥୁଆନିଆ, ଚେକ୍? ଗଣରାଜ୍ୟ, ଗ୍ରେନେଡ଼ା, ଅଷ୍ଟ୍ରିଆ, ଆୟରଲ୍ୟାଣ୍ଡ, ଫ୍ରାନ୍ସ?, ସେଣ୍ଟ ଲୁସିଆ, ଏଷ୍ଟନିୟା; ଏହି ଦେଶର ବାସିନ୍ଦାମାନେ ମାତ୍ରାଧିକ ମଦ୍ୟପାନ କରନ୍ତି । ମଦ୍ୟପାନ କ୍ଷେତ୍ରେ ସାରା ବିଶ୍ୱରେ ରେକର୍ଡ କରିଛି ବେଲାରଷ ; ସାରା ଦେଶରେ ପ୍ରଥମ ସ୍ଥାନ ପାଇଛି ମଦ୍ୟପାନରେ । ଏଠି ବର୍ଷକୁ ବ୍ୟକ୍ତି ପିଛା ହାରାହାରି ମଦ୍ୟର ପରିମାଣ ୧୪.୩୭ଲିଟର । ଏ ଦେଶର ଜାତୀୟ ପାନୀୟ ହେଲା ଏକ ପ୍ରକାର ମଦ ; ଏଠି ଲୋକମାନେ ପିଉଥିବା ୧୭ ପ୍ରତିଶତ ହେଲା ବିଅର, ପାଂ* ପ୍ରତିଶତ ୱାଇନ୍? ଏବଂ ୪୭ ପ୍ରତିଶତ ସ୍ପିରିଟ ଥିବାବେଳେ ୩୧ ପ୍ରତିଶତ ଅନ୍ୟ ପାନୀୟ ଥାଏ । ଏଠି ବର୍ଷକୁ ପୁରୁଷମାନେ ପ୍ରାୟ ୨୭.୫ ଲିଟର ଓ ମହିଳାମାନେ ୯.୧ ଲିଟର ମଦ୍ୟପାନ କରନ୍ତି । ମଦ୍ୟପାନରେ ଦ୍ୱିତୀୟ ସ୍ଥାନରେ ଅଛି ଆଣ୍ଡୋରା; ଏଠି ମଦ୍ୟପାନର ହାରାହାରି ପରିମାଣ ୧୩.୩୧ ଲିଟର । ଏ ଦେଶର ଜାତୀୟ ପାନୀୟ ୱାଇନ୍? ; ଏଠି ୩୫ ପ୍ରତିଶତ ଲୋକ ମଦ ପିଉଥିବା ବେଳେ ୩୫ ପ୍ରତିଶତ ଲୋକ ବିୟର ଓ ୨୦ ପ୍ରତିଶତ ଲୋକ ସ୍ପିରିଟ ବ୍ୟବହାର କରନ୍ତି । ଏଠି ମଦ୍ୟପାନର ପରିମାଣ ବାର୍ଷିକ ହାରରେ ୧୯.୫ ଲିଟର

ଲିଥୁଆନିଆରେ ବ୍ୟକ୍ତି ପିଛା ମଦ୍ୟପାନର ହାରାହାରି ପରିମାଣ ୧୨.୯ ପ୍ରତିଶତ । ଲିଥୁଆନିଆ ମଦ୍ୟପାନରେ ତୃତୀୟ; ଏଠି ଜାତୀୟ ପାନୀୟ ହେଲା ମିଡ୍ସ ମିଡ । ଏଠି ୪୬ ପ୍ରତିଶତ ଲୋକ ବିୟର, ୩୪ ପ୍ରତିଶତ ସ୍ପିରିଟ, ୮ ପ୍ରତିଶତ ୱାଇନ୍? ଏବଂ ଅନ୍ୟ ପାନୀୟ ୧୨ ପ୍ରତିଶତ ଲୋକ ପାନ କରନ୍ତି । ପୁରୁଷ ମାନଙ୍କ ମଦର ପରିମାଣ ୨୪.୪ ପ୍ରତିଶତ ବେଳେ ମହିଳା ମାନଙ୍କ ମଦର ପରିମାଣ ୭.୯ ଲିଟର । ଚତୁର୍ଥ ସ୍ଥାନଲଂକୃତ କରିଛି ମଦ୍ୟପାନରେ ଚେକ୍? ଗଣରାଜ୍ୟ, ଯାହାର ବ୍ୟକ୍ତି ପିଛା ମଦ୍ୟପାନର ହାରାହାରି ପରିମାଣ ୧୨.୬୯ ଲିଟର । ଏମାନଙ୍କ ଜାତୀୟ ପାନୀୟ 'ବେଚେରେଭୋକ' । ଏଠି ଲୋକ ୫୪ ପ୍ରତିଶତ ବିୟର, ୨୬ ପ୍ରତିଶତ ସ୍ପିରିଟ, ୨୦ ପ୍ରତିଶତ ୱାଇନ ସେବନ କରନ୍ତି । ପୁରୁଷମାନେ ବାର୍ଷିକ ୧୮.୬ ଲିଟର ଓ ମହିଳାମାନେ ୭.୩ ଲିଟର ମଦ୍ୟପାନ କରନ୍ତି । ପଂ*ମ ସ୍ଥାନରେ ଅଛି ଗ୍ରେନେଡ଼ା ଦେଶ ଯାହାର ବ୍ୟକ୍ତି ପିଛା ମଦର ହାରାହାରି ପରିମାଣ ୧୨.୪ ଲିଟର । ଏଠାକାର ଜାତୀୟ ପାନୀୟ ରମ ।ଏଠି ଲୋକ ୩୦ ପ୍ରତିଶତ ବିୟର, ୬୬ ପ୍ରତିଶତ ସ୍ପିରିଟ ଓ ୪ ପ୍ରତିଶତ ୱାଇନ୍ ପିଅନ୍ତି । ପୁରୁଷମାନେ ବର୍ଷକୁ ୧୭.୯ ଲିଟର ଓ ମହିଳା ମାନେ ୭.୩ ଲିଟର ପିଇଥା'ନ୍ତି । ଷଷ୍ଠ ସ୍ଥାନରେ ଅଛି ଅଷ୍ଟ୍ରିଆ, ଯା'ର ବ୍ୟକ୍ତି ପିଛା ମଦ୍ୟପାନର ହାରାହାରି ପରିମାଣ ୧୨.୧ ଲିଟର । ଏଠାର ଜାତୀୟ ପାନୀୟ ସ୍ନାନ୍ୟ । ୫୦ ପ୍ରତିଶତ ଲୋକ ବିୟର, ୧୪ ପ୍ରତିଶତ ସ୍ପିରିଟ, ୩୭ ପ୍ରତିଶତ ୱାଇନ ଓ ୮ ପ୍ରତିଶତ ଅନ୍ୟ ମଦ ପାନ ହୁଏ ; ପୁରୁଷ ବର୍ଷକୁ ୧୫.୪ ଲିଟର ଓ ମହିଳା ୬.୩ ଲିଟର ମଦ ପିଇଥା'ନ୍ତି ।

ସପ୍ତମ ସ୍ଥାନରେ ଆୟରଲ୍ୟାଣ୍ଡ ଅଛି ଯିଏକି ପ୍ରତିବର୍ଷ ବ୍ୟକ୍ତି ପିଛା ମଦ୍ୟର ପରିମାଣ ୧୧.୯୨ ଲିଟର ଯୋଗାଏ; ଜାତୀୟ ପାନୀୟ ହେଉଛି 'ପେୟଗୀନିଜ' । ଏଠି ୪୮ ପ୍ରତିଶତ ବିୟର, ୧୮ ପ୍ରତିଶତ ସ୍ପିରିଟ, ୨୬ ପ୍ରତିଶତ ୱାଇନ୍? ଓ ଅନ୍ୟାନ୍ୟ ମଦ୍ୟ ୧୬.୮ ପ୍ରତିଶତ ଲୋକ ପିଅନ୍ତି । ପୁରୁଷମାନେ ବାର୍ଷିକ ୧୬.୮ ଲିଟର ଓ ମହିଳାମାନେ ୭.୧ ଲିଟର ମଦ୍ୟପାନ କରନ୍ତି । ଫ୍ରାନ୍ସ? ଅଷ୍ଟମ ସ୍ଥାନାଧିକାରୀ ଅଟେ । ଏଠି ବାର୍ଷିକ ବ୍ୟକ୍ତି ପିଛା ମଦ୍ୟ ବ୍ୟୟ ହୁଏ ୧୧.୭ ଲିଟର । ପୁରୁଷମାନେ ବର୍ଷକୁ ୧୬.୮ ଲିଟର ମଦ ପିଉଥିବା ବେଳେ ମହିଳାମାନେ ୭.୧ ଲିଟର ମଦ୍ୟପାନ କରନ୍ତି । ୧୯ ପ୍ରତିଶତ ଲୋକ, ୨୩ ପ୍ରତିଶତ ସ୍ପିରିଟ, ୨୩ ପ୍ରତିଶତ ୱାଇନ୍?, ୨ ପ୍ରତିଶତ ଲୋକ ଅନ୍ୟ ମଦ୍ୟପାନ କରନ୍ତି । ଏଠାକାର ଜାତୀୟ ପାନୀୟ ଓ ବ୍ରାଣ୍ଡିଜ । ନବମରେ ସେଣ୍ଟ ଲୁସିଆ ଯା'ର ବ୍ୟକ୍ତି ପିଛା ମଦ୍ୟପାନର

ପରିମାଣ ବାର୍ଷିକ ୧୧.୬ ଲିଟର । ଏହାର ଜାତୀୟ ପାନୀୟ ହେଲା 'ପେୟଗାନିଜ' । ଏଠି ୩୧ ପ୍ରତିଶତ ଲୋକ ବିୟର, ୫୬ ପ୍ରତିଶତ ସ୍ପିରିଟ, ୧୩ ପ୍ରତିଶତ ୱାଇନ୍? ଏବଂ ଅନ୍ୟ ମଦ ୧୬.୮ ପ୍ରତିଶତ ଲୋକ ପିଅନ୍ତି । ପୁରୁଷମାନେ ବାର୍ଷିକ ୧୫.୧ ଲିଟର ଓ ମହିଳାମାନେ ୫.୯ ଲିଟର ମଦ୍ୟପାନ କରନ୍ତି । ଏଷ୍ଟନିୟାକୁ ବିଶ୍ୱ ଦଶମ ସ୍ଥାନ ପ୍ରଦାନ କରିଛି । ଏଠାରେ ବର୍ଷକୁ ହାରାହାରି ମଦ ପିଇବାର ପରିମାଣ ୧୧.୩୬ ଲିଟର ; ପୁରୁଷମାନେ ୧୬.୨ ଲିଟର ଓ ମହିଳାମାନେ ୫.୩ ଲିଟର ମଦ୍ୟପାନ କରନ୍ତି । ଏଠାର ମଧ୍ୟ ଜାତୀୟ ପାନୀୟ ପେୟଗାନିଜ । ଏଠାରେ ୪ ପ୍ରତିଶତ ଲୋକ ବିୟର, ୩୭ ପ୍ରତିଶତ ଲୋକ ସ୍ପିରିଟ, ୧୧ ପ୍ରତିଶତ ଲୋକ ୱାଇନ୍? ପିଉଥିବା ବେଳେ ୧୧ ପ୍ରତିଶତ ଲୋକ ଅନ୍ୟ ମଦ ପିଇଥା'ନ୍ତି ।

ବହୁବର୍ଷ ଧରି ମଦ୍ୟପାନ କଲେ 'ଆଲକହଲିଜ୍ମ' ବା 'ମଦ୍ୟାତ୍ୟୟ', 'କ୍ରନିକ', 'କୁପୋଷଣ', 'ପାଙ୍କ୍ରିଆଟାଇଟିସ୍', 'ଆଲକହଲିକ୍?', 'ଯକୃତ ରୋଗ', 'କର୍କଟ' ରୋଗ ସହ ସ୍ନାୟୁ ମଣ୍ଡଳ ଦୁର୍ବଳ ହୋଇଯାଏ । ଯକୃତ ଦ୍ୱାରା ଆଲ୍କହର୍? ଆସେଟାଲଡ଼ିହାଇଡ଼ରେ ପରିବର୍ତ୍ତିତ ହୁଏ ଯାହା ଏକ କର୍କଟ ରୋଗ ସୃଷ୍ଟିକାରୀ ପଦାର୍ଥ । ଅଧିକ ମଦ୍ୟପାନର ଫଳ ସ୍ୱରୂପ ଉଚ୍ଚ ରକ୍ତଚାପ, ଷ୍ଟ୍ରୋକ୍? ଆଦି ଅସୁବିଧା ଜାତ ହୁଏ ।

'ଆଲକହଲିଜ୍ମ 'ବା' ମଦ୍ୟାତ୍ୟୟ' ପୂର୍ବରୁ 'ଆଲକୋହୋଲ୍? ଆବ୍ୟୁଜ' ଓ 'ଆଲକୋହୋଲ ଡ଼ିପେଣ୍ଡେନ୍ସ?' ନାମରେ ଦୁଇ ଭାଗରେ ବିଭକ୍ତ କରାଯାଉଥିଲା । ଜଣେ ବ୍ୟକ୍ତି ବହୁଦିନ ଧରି ଅତ୍ୟଧିକ ମଦ୍ୟପାନ କରୁଥିବ, ମଦ୍ୟପାନ ପାଇଁ ବହୁତ ସମୟ ବ୍ୟୟ କରୁଥବ, ଅଧିକ ମଦ୍ୟପାନ ଇଚ୍ଛା କରୁଥିବ, ମଦ୍ୟପାନ କରି ନିଜର କର୍ତ୍ତବ୍ୟ ସମ୍ପାଦନ କରୁ ନ ଥିବ ଓ ସାମାଜିକ ସମସ୍ୟା ସୃଷ୍ଟି କରୁଥିବ, ସ୍ୱାସ୍ଥ୍ୟ ସମସ୍ୟା ହେଉଥିବ, ସଙ୍କଟଜନକ ଅବସ୍ଥା ସୃଷ୍ଟି କରୁଥିବ, ମଦ୍ୟପାନ ବନ୍ଦ କଲେ ନିରୋଧନବା ଉଇଥଡ୍ରୟାଲ ଲକ୍ଷଣ ବାହାରୁଥିବ ଓ ଏହାର ବ୍ୟବହାର -ଅସହନଶୀଳତା ହେଉଥବ - ଏସବୁ ଲକ୍ଷଣ 'ମଦ୍ୟାତ୍ୟୟ' ବୋଲି ଚିକିତ୍ସକଙ୍କ ମତ । ଆଲ୍‌କୋହୋଲ୍? ସେବନ ଦ୍ୱାରା ମସ୍ତିଷ୍କ,ହୃତପିଣ୍ଡ, ଯକୃତ, ଅଗ୍ନ୍ୟାଶୟ ଓ ଇମ୍ୟୁନିଟି ବିଭାଗ ଆଦି ଶରୀରର ସମସ୍ତ ଅଙ୍ଗ ପ୍ରଭାବିତ ହୁଅନ୍ତି । ଏହା ଫଳରେ ମାନସିକ ରୋଗ,ୱେର୍ଣ୍ଣିକ କୋର୍ସାକୋଫ ସିଣ୍ଡ୍ରୋମ, ଅନିୟମିତ ହୃତ୍‌ସ୍ପନ୍ଦନ, ସିରୋସିସ୍? ଓ କର୍କଟ ସମ୍ଭାବନା ଦେଖାଯାଏ ।ମଦର ବିପଜ୍ଜନକ ଶାରୀରିକ ଓ ମାନସିକ ପ୍ରଭାବ ପୁରୁଷ ଅପେକ୍ଷା ମହିଳାଙ୍କ ଉପରେ ଅଧିକ ପଡ଼େ । ଗର୍ଭାବସ୍ଥାରେ ମଦ୍ୟପାନ କଲେ ଗର୍ଭସ୍ଥିତ ଶିଶୁର ଫିଟାଲ ଆଲକୋହଲ ସେକ୍ଟ୍ରମ ଡ଼ିଜ ଅର୍ଡର ହୁଏ ।

ଉଭୟ ଜେନେଟିକ୍? ଓ ପରିବେଶ ଉପାଦାନ ଯୋଗୁଁ 'ଆଲକହଲିଜ୍ମ' ହେବାର ବିଶ୍ୱାସ କରାଯାଏ ; ଏଥିପାଇଁ ସମ ପରିମାଣରେ ଉଭୟ ଦାୟୀ । ଆଲକୋହଲିକ ଥିବା ଜଣେ ପିତା ମାତା ବା ଭାଇ ଭଉଣୀ ଥିଲେ ୩ରୁ ୪ ଗୁଣ ଅଧିକ ସଙ୍କଟ ରହେ । ସାମାଜିକ, ସାଂସ୍କୃତିକ ଓ ବ୍ୟବହାରିକ ପ୍ରଭାବ ବି ରହେ; ଉଚ୍ଚ ଧରଣର ମାନସିକ ଚାପ, ଉତ୍କଣ୍ଠା ଓ ସହଜ ଲବ୍ଧ ଆଲକୋହୋଲ ଏ ରୋଗ ସଙ୍କଟ ବଢ଼ାଇ ଦିଏ । ରୋଗ ଲକ୍ଷଣ ହ୍ରାସ ପାଇଁ ବା ପ୍ରତିରୋଧ ପାଇଁ ଆଂଶିକ ଭାବେ ଆଲକୋହୋଲ ପିଆ ଯାଇପାରେ । ମଦ୍ୟପାନ ସମ୍ପୂର୍ଣ୍ଣ ବନ୍ଦ କଲେ ବି କିଛି ମାସ ଧରି ଲକ୍ଷଣ ଚାଲୁରହେ । ଚିକିତ୍ସା ବିଜ୍ଞାନ ଅନୁସାରେ ଆଲ୍‌କହଲିଜ୍ମ ଉଭୟ ଶାରୀରିକ ଓ ମାନସିକ ରୋଗ ରୂପେ ବିବେଚନା କରାଯାଏ । ପ୍ରଶ୍ନାବଳୀ ଓ ରକ୍ତ ପରୀକ୍ଷା ପୂର୍ବକ ସନ୍ଦେହାତ୍ମକ ରୋଗ ନିର୍ଣ୍ଣୟ କରାଯାଏ; ରୋଗ ନିର୍ଧାର୍ଯ୍ୟ ନିମନ୍ତେ ଅଧିକ ତଥ୍ୟ ସଂଗ୍ରହ କରାଯାଏ । ମଦର ସୀମିତ ବିକ୍ରି ଓ ନିୟନ୍ତ୍ରଣ, ଆଲ୍? କୋହୋଲ ଟିକସ ବୃଦ୍ଧି ଏବଂ ଶସ୍ତା ଚିକିତ୍ସା ଉପଲବ୍ଧ କଲେ 'ମଦ୍ୟାତ୍ୟୟ' ଦୂର କରିବା ସମ୍ଭବପର ହେବ । ମଦ ହଠାତ ତ୍ୟାଗ କଲେ ସଙ୍କଟ ଦେଖାଯାଏ, ତେଣୁ ନିୟନ୍ତ୍ରିତ ଆଲକୋହୋଲ ଡ଼ିଟକ୍ସିଫିକେସନ କରାଯାଏ । ଏ ଲାଗି ବେଞ୍ଜୋଡାଏଜେପିନ ଦଳର ଡ଼ାଏଜେପାମ ସାଧାରଣତଃ ବ୍ୟବହାର ହୁଏ । ଏହାର ଚିକିତ୍ସାରେ ମାନସିକ ବ୍ୟାଧି ଓ ଅନ୍ୟ ନିଶା ଜଟିଳତା ସୃଷ୍ଟି କରିବା ସମ୍ଭାବନା ଥାଏ ।ଡ଼ିଟକ୍ସିଫିକେସନ ପରେ ଦଳଗତ ଥେରାପି ଓ ସାହାଯ୍ୟକାରୀ ଦଳ ରୋଗୀକୁ ପୁନଃ ନିଶାଗ୍ରସ୍ତ ହେବାରେ ସାହାଯ୍ୟ କରନ୍ତି । ଆକାମ୍ପ୍ରୋସେଟ, ଡ଼ାଇସଲଫିରାମ ବା ନାଲଟ୍ରେକସୋନ ପରି ମେଡ଼ିସିନ୍? ମଦ୍ୟପାନ କରିବାରୁ ରକ୍ଷା କରିବାକୁ ଦିଆଯାଏ । ମଦ୍ୟାତ୍ୟୟ ରୋଗ ଅଳ୍ପ ବୟସ୍କ ଯୁବକଙ୍କୁ ଅଧିକ ହୁଏ ; ମଧ୍ୟ ବୟସ୍କ ତଥା ବୃଦ୍ଧ ବୟସରେ କମ୍? ଦିଶେ । ମଦ୍ୟାସକ୍ତ ଲୋକଙ୍କୁ ଲୋକମାନେ ଅସମ୍ମାନ ଜନକ ଟ୍ରିପଲର, ମଦୁଆ ଏବଂ ଡ଼ିପୋଶୋମାନିଆକ ଆଦି ନାମରେ ଡ଼ାକୁଥିଲେ । ସନ ୧୯୭୯ରେ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏପରି ନାମକୁ ନାପସନ୍ଦ କରି ଆଲକୋହୋଲ ଡ଼ିପେଣ୍ଡେନ୍ସ? ସିଣ୍ଡ୍ରୋମ ନାମ ଦେଇଥିଲେ ।

ଯଥେଷ୍ଟ ପୋଷକ ନ ଥିବା ବା ମାତ୍ରାଧିକ ପୋଷକ ଥିବା ଖାଦ୍ୟ ଖାଇବା ଫଳରେ 'କୁପୋଷଣ' ରୋଗ, ଯିଏକି 'ପୁଷ୍ଟିମାନ୍ଦ୍ୟ ବା ଅପପୁଷ୍ଟି' ରୋଗ ନାମରେ ଜଣା । ଗର୍ଭାବସ୍ଥା ଓ ଦୁଇ ବର୍ଷ ବୟସରୁ କମ ବୟସ ପିଲାଙ୍କର କୁପୋଷକ ବା ଅପପୁଷ୍ଟି ରୋଗ

ହେଲେ ଶାରୀରିକ ତଥା ମାନସିକ ବୃଦ୍ଧି ହୁଏନି । ଅତ୍ୟଧିକ ପୋଷକ ଅଭାବ ଯେପରିକି ଉପବାସ ଅବସ୍ଥା ହେଲେ ଉଚ୍ଚତା କମ ଓ ଶରୀର ପତଳା ହୁଏ; ଶକ୍ତିସ୍ତର କମିବା ସହ ପେଟ ତଥା ଗୋଡ଼ ଫୁଲିଯାଏ । ଏଥିରେ ଲୋକର ଅଧିକ ରୋଗ ସଂକ୍ରମଣ ହୁଏ ଓ ଦେହ ଥଣ୍ଡା ରହେ । କୁପୋଷଣ ରୋଗର ସଚେତକ ଚିହ୍ନ ରୂପରେ କମଳା ରଙ୍ଗର ରିବନ ଥାଏ । ଏହି ରୋଗର ଇଂରାଜୀ ନାମ 'ମାଲନ୍ୟୁଟ୍ରିସନ' ବା 'ମାଲନରିସମେଣ୍ଟ' ଅଟେ । କାରଖାନା ପ୍ରବଣ ଦେଶ ମାନଙ୍କରେ ଓ ସ୍ୱଳ୍ପ ବିକଶିତ ରାଷ୍ଟ୍ର ମାନଙ୍କରେ ଏ ରୋଗ ପରିଲକ୍ଷିତ ହୁଏ । ଧନୀ ଦେଶ ମାନଙ୍କରେ ଅସ୍ୱାସ୍ଥ୍ୟକର ଖାଦ୍ୟ, ଅଧିକ ଶକ୍ତି ସମ୍ପର୍ଣ୍ଣ ଚର୍ବି ଏବଂ ଶ୍ୱେତସାର ଖାଦ୍ୟ ଖାଇବା ଯୋଗୁଁ ଏ ରୋଗ ହୁଏ । ପୃଥୁଳତା ଏକ ଜନ ସ୍ୱାସ୍ଥ୍ୟ ସମସ୍ୟା ରୂପେ ଦଣ୍ଡାୟମାନ । ଉତ୍ତମ ମାନର ଖାଦ୍ୟ ଖାଇବାକୁ ନ ମିଳିଲେ ଏ ରୋଗ ହୁଏ ।

ମଦ ସହିତ ଲୋକମାନେ କିଛି ଚାଖଣା ଖାଇଥା'ନ୍ତି । କିନ୍ତୁ କିଛି ଚାଖଣା ମଦ୍ୟ ସହିତ ଖାଇବାକୁ ବାରଣ କରାଯାଇଛି । ମଦ୍ୟ ସହିତ କାଜୁ ଓ ଚିନାବାଦାମ, ମଦ୍ୟ ସହ ସୋଡ଼ା ବା ଥଣ୍ଡାପାନୀୟ ମିଶାଇ ପିଇବା ଅନୁଚିତ । କାଜୁ ଓ ଚିନାବାଦାମରେ ପ୍ରଚୁର ପରିମାଣରେ କୋଲୋଷ୍ଟ୍ରୋଲ୍? ଥିବା ହେତୁ ଏହା ଭୋକ କମାଇ ଦିଏ । ମଦ ସହ ସୋଡ଼ା ବା ଥଣ୍ଡାପାନୀୟ ମିଶାଇ ପାନ କଲେ ଶରୀରର ଜଳୀୟ ଅଂଶ କମିଯାଏ ; ସେହିପରି ମଦ ସହ ତେଲ ଛଣା ଖାଦ୍ୟ ଖାଇଲେ ଏସିଡ଼ିଟି ହେବାର ସମ୍ଭାବନା ଥାଏ । ପୁନଃ ମଦ ସହ ଚିପ୍ସ୍?, ଦହି, ଲହୁଣି, ବିରିଆନି, ମସଲାଯୁକ୍ତ ଖାଦ୍ୟ ଖାଇବାରୁ ଦୂରେଇ ରହିବା ଯଥୋଚିତ ଓ ମିଠା ଖାଦ୍ୟ ଖାଇବାରୁ ବି ଦୂରେଇ ରହିବା ଉଚିତ । ମଦ ସହ ମିଠା ଖାଇଲେ ନିଶା ଦୁଇ ଗୁଣ ବଢ଼ି ଯାଇଥାଏ ଓ ମିଠା ମଦରେ ଥିବା ବିଷାକ୍ତ ପଦାର୍ଥକୁ ଉଜ୍ଜୀବିତ କରିଥାଏ । ମଦ୍ୟପାନ ଉପରେ କରାଯାଇଥିବା ଗବେଷଣାରୁ ଜଣାଯାଏ ଯେ ଶୀତ ଋତୁରେ ଅଧିକ ମଦ୍ୟପାନ କରାଯାଇଥାଏ । ଅନ୍ୟ ଜଣେ ଗବେଷକ ଡ଼. ମ୍ୟାକ୍ସ ଗ୍ରୀସ ବୁଲଡ଼ଙ୍କ ମତରେ ଗୋଟିଏ ପେଗ୍? ମଦ ପିଇଲେ ବି ଶରୀର ଉପରେ ତା'ର କୁପ୍ରଭାବ ପଡ଼େ । ଏହା ଫଳରେ କର୍କଟ, ମଧୁମେହ, ଟ୍ୟୁବର କୁଲୋସିସ୍? ରୋଗ ହେବାର ଆଶଙ୍କା ୦.୫% ବୃଦ୍ଧି ପାଇଥାଏ । ଯେଉଁମାନେ ଦିନରେ ଦୁଇ ପେଗ୍?ରୁ ଅଧିକ ଡ୍ରିଙ୍କସ୍? କରିଥା'ନ୍ତି, ସେମାନଙ୍କଠି ଉପରୋକ୍ତ ରୋଗର ଆଶଙ୍କା ସାତ ପ୍ରତିଶତ ଯାଏଁ ବୃଦ୍ଧି ହୋଇଥାଏ । କିନ୍ତୁ ଯେଉଁମାନେ ଦିନରେ ପାଞ୍ଚ ପେଗ୍? ମଦ୍ୟପାନ କରନ୍ତି, ସେମାନଙ୍କ ଠାରେ ଏହି ରୋଗର ଆଶଙ୍କା ୩୭ ପ୍ରତିଶତ ବୃଦ୍ଧି ପାଏ । ମଦ ଜନିତ ମୃତ୍ୟୁ ସଂଖ୍ୟା ଭାରତ, ଚୀନ ଓ ଋଷିଆ ଭଳି ଦେଶରେ ସର୍ବାଧିକ ବୋଲି କୁହା ଯାଉଛି । ଏହି ଗବେଷଣାରେ ୧୯୯୦ରୁ ୨୦୧୭ ମଧ୍ୟରେ ୧୯୫ ଦେଶର ଲୋକଙ୍କୁ ସାମିଲ୍ କରାଯାଇଥିଲା ।

ଆସାମର ରାଜଧାନୀ ଗୁଆହାଟୀରେ ୫ ଜଣ ବୈଜ୍ଞାନିକ ଏକ ଉପାୟ ଅବଲମ୍ବନ କରି ଚା'ରୁ ପ୍ରସ୍ତୁତ କରିଛନ୍ତି ମଦ । ଟୋକଲାଇ ଟି ରିସର୍ଚ୍ଚ ଇନଷ୍ଟିଚ୍ୟୁଟର ଏ ପାଞ୍ଚ ଜଣ ବୈଜ୍ଞାନିକ କେତୋଟି ଚା'କୁ ମିଶ୍ରଣ କରି ମଦ ତିଆରି କରିଥିଲେ ; ଯାହାର ବାସ୍ନା ସବୁଠୁ ନିଆରା । ସେହିପରି ଉକ୍ତ ସଂସ୍ଥାର ମାଇକ୍ରୋଲୋଜି ଓ ମାଇକ୍ରୋ ବାୟୋଲୋଜିର ବୈଜ୍ଞାନିକ ମାନେ ଚା'ରୁ ପ୍ରସ୍ତୁତ ଅନ୍ୟ ତିନି ପ୍ରକାରର ମଦ ତିଆରି କରିଛନ୍ତି । ସେଗୁଡିକ ହେଲା – ସିଟିସି ୱାଇନ୍?, ଆର୍ଥୋଡ଼ିକ୍ସ ଓ ଗ୍ରୀନ୍? ଟି ୱାଇନ୍? । ଏହାକୁ ପାନ କଲେ ସୁଗାର ଲେବଲ ନିୟନ୍ତ୍ରଣରେ ରହିଥାଏ ବୋଲି ବୈଜ୍ଞାନିକ ମାନଙ୍କର ଅଭିମତ । ଏହା ଅର୍ଗାନିକ ଓ ପେଷ୍ଟିସାଇଡ୍ସ ଗ୍ରୀନ୍? ଟିରୁ ପ୍ରସ୍ତୁତ, ଯାହା ଶରୀରକୁ ଛୋଟମୋଟ ଥଣ୍ଡା ସର୍ଦ୍ଦିକୁ ଦୂରେଇ ଦେବ ବୋଲି ସେମାନେ କହନ୍ତି । ଦକ୍ଷିଣ କୋରିଆରେ ଅଭିନବ ଉପାୟରେ ଏକ ମଦ ପ୍ରସ୍ତୁତ କରାଯାଉଛି, ଯାହା ସାରା ଦୁନିଆରେ ଚର୍ଚ୍ଚିତ । ଏହି ମଦ ଶରୀର ପାଇଁ ଲାଭଦାୟକ ବୋଲି କୁହାଯାଏ । ଏହି ମଦକୁ ସେବନ କଲେ ଶରୀରର ଦରଜ କମେ ଓ ହାଡ଼ ଭାଙ୍ଗିଥିବା ଲୋକଙ୍କ ପାଇଁ ଏକା ଉପକାରୀ କୁହାଯାଏ । ଶରୀରରେ ଥିବା ବିଭିନ୍ନ ରୋଗର ଉପଶମକାରୀ ଏହି ମଦ ୩ରୁ ୪ ବର୍ଷ ଶିଶୁଙ୍କ ମଳରେ ପ୍ରସ୍ତୁତ ହେଲେ ହେଁ ବିଶେଷ ଗନ୍ଧ ହୁଏ ନାହିଁ । କୋରିଆର ଡ଼ାକ୍ତର ଲି ଚ଼ାଂ ସୁ ତିଆରି କରିଥିବା ଏହି ମଦକୁ ଲୋକେ 'ସାଙ୍ଗ୍?ସୁଲ୍?' କହନ୍ତି । ତାଙ୍କ କହିବାନୁସାରେ ଏ ମଦ ତିଆରି ପାଇଁ ପିଲାଙ୍କର ମଳରେ ୯% ଆଲକହଲ ମିଶାଯାଏ । କିଛି ଗବେଷଣାରୁ ଉପଲବ୍ଧି ମିଳିଛି ଯେ ସ୍ୱଳ୍ପ ପରିମାଣରେ ମଦ୍ୟପାନ ଶରୀର ପ୍ରତି ହିତକାରକ । ଏହାଦ୍ୱାରା ହାର୍ଟ୍? ଭଲ ରହେ, ମଣିଷର ସୃଜନଶୀଳତା ବଢ଼େ ; ଆଲଯାଇମର ରୋଗରୁ ସୁରକ୍ଷା ଦେଇଥାଏ । ଅନୁସନ୍ଧାନରୁ ଜ୍ଞାତ ଯେ ପୁରୁଷ ବା ନାରୀ ଯିଏକି ଦୈନିକ ଗୋଟେ ବା ଦୁଇ ପେଗ୍? ମଦ୍ୟପାନ କରନ୍ତି ସେମାନେ ନପିଉଥିବା ଲୋକଙ୍କ ଅପେକ୍ଷା ହୃଦ୍?ଘାତର କମ୍? ଶିକାର ହୁଅନ୍ତି । ମଣିଷ ପାଇଁ ମଦ୍ୟପାନର ସୁସ୍ଥ ଲେଭେଲ ହେଲା ଦୈନିକ ୩ ୟୁନିଟ୍?, ଅର୍ଥାତ୍ ସପ୍ତାହକୁ ୨୧ ୟୁନିଟ୍? । ଗୋଟେ ୟୁନିଟ୍? ଆଲକୋହଲ ସହ ସମତୁଲ୍ୟ – 'ଅଧା ପାଇଁଟ ବିଅର (୩-୪% ଆଲକୋହଲ), ଅଳ୍ପ ପରିମାଣର କଡ଼ା ମଦ ( ୪୦% ଆଲକୋହଲ) । ସେପରି ଦେଢ଼ ୟୁନିଟ ଆଲକୋହଲ ସହ ସମତୁଲ୍ୟ ହେଲା – 'ୱାଇନ୍?ର ଏକ ଛୋଟ ଗ୍ଲାସ୍? (୧୨% ଆଲକୋହଲ), କଡ଼ା ମଦର ଏକ ପେଗ୍? (୪୦% ଆଲକୋହଲ) ।' ପୁରୁଷମାନେ ଦୈନିକ ୪ ୟୁନିଟ୍?ରୁ ଅଧିକ

ମଦ ପାନ କରିବା ଅନୁଚିତ । ସପ୍ତାହରେ ଦୁଇଦିନ କମସେ କମ ବିନା ମଦରେ ଚଳିବା ପାଇଁ ହେବ । ସ୍ୱଳ୍ପ ମଦ୍ୟପାନ ଆମ ଶରୀରରେ ଏଚ ଡ ଏଲ (ହିତକାରୀ କୋଲେଷ୍ଟେରୋଲ)ର ପରିମାଣ ବୃଦ୍ଧି କରି ହୃଦ୍ ରୋଗରୁ ରକ୍ଷା କରିଥାଏ ।

ବିଭିନ୍ନ ନିଶାଦ୍ରବ୍ୟରୁ ଅବକାରୀ ବିଭାଗ ଅନେକ ଲାଭବାନ ହୋଇ ପାରୁଛି; ବିଶେଷ କରି ମଦ୍ୟରୁ ଅଧିକ ଲାଭବାନ ହେଉଥିବାର ଜଣା ଯାଏ । ଅପମିଶ୍ରିତ ମଦ୍ୟ କାରବାର ରୋକିବା ଓ ରାଜ୍ୟରେ ଅଧିକ ସମ୍ବଳ ସୃଷ୍ଟି କରିବା ଉଦ୍ଦେଶ୍ୟ ନେଇ ସରକାର ଏପରି ଏକ ନୀତି ନିର୍ଦ୍ଧାରଣ କରିଛନ୍ତି, ଯଦ୍ଦ୍ୱାରା କି ମଦ୍ୟ ପ୍ରସ୍ତୁତି, ଏହାର ପାତନ ଓ କାରବାର ସରକାରଙ୍କ କଡ଼ା ତତ୍ତ୍ୱାବଧାନରେ ନିୟନ୍ତ୍ରଣ ହେଉଛି । ଏହା ସାମାଜିକ ମୂଲ୍ୟବୋଧକୁ ପ୍ରଭାବିତ ନ କରି ଯଥେଷ୍ଟ ପରିମାଣର ରାଜସ୍ୱ ଆଦାୟ କରିବାରେ ସହାୟତା କରି ପାରୁଛି । ଚୋରାମଦ କାରବାରକୁ ପ୍ରତିହତ କରିବା ଓ ସମ୍ଭାବ୍ୟ ମଦ ମୃତ୍ୟୁକୁ ରୋକିବାର୍ଥେ ୨୦୦୬-୦୭ ଆର୍ଥିକ ବର୍ଷରେ ବିହାର ଓ ଓଡ଼ିଶା ଅବକାରୀ (ସଂଶୋଧନ) ଆଇନ ୨୦୦୬ ଜରିଆରେ ଅବକାରୀ ଅପରାଧ ନିମନ୍ତେ ଦଣ୍ଡବିଧି ଗୁଡ଼ିକୁ ଅଧିକ କଠୋରରୁ କଠୋରତର କରାଯାଇଛି ; ଏହାକୁ ଅନେକାଂଶରେ ଜାମିନ ବିହୀନ ମଧ୍ୟ କରାଯାଇଛି ଏବଂ ଅବକାରୀ ଅଧିକାରୀ ମାନଙ୍କୁ ପୋଲିସ କ୍ଷମତା ପ୍ରଦାନ କରାଯାଇଛି । ମଦ ବେପାରୀ ମାନଙ୍କ ଅସାଧୁମେଣ୍ଟର ଭଗ୍ନାର୍ଥେ ସରକାରୀ ସଂସ୍ଥା ମାନଙ୍କୁ ବିନା ଲାଇସେନ୍ସରେ ଅବକାରୀ ଦୋକାନ ଖୋଲିବାକୁ ବ୍ୟବସ୍ଥା ହୋଇଛି । ବିହାର ଓ ଓଡ଼ିଶା ଅବକାରୀ (ସଂଶୋଧନ) ଆଇନ ୨୦୦୬ ବହୁ ସଫଳ କରିଛି । ମଦ ମାଫିଆଗଣ ଚୋରାମଦ କାରବାର କରିବାକୁ ଭୀତତ୍ରସ୍ତ ପ୍ରାୟ । ଭାରତ ପ୍ରସ୍ତୁତ ବିଦେଶୀ ଓ ଦେଶୀ ମଦର ପାଇକାରି ବ୍ୟବସାୟକୁ ସରକାର ୨୦୦୧ ମସିହାରୁ 'ଓଡ଼ିଶା ରାଜ୍ୟ ପାନୀୟ ନିଗମ' ଜରିଆରେ ହାତକୁ ନେଇଛନ୍ତି; ଯାହା ଅବୈଧ ମଦ କାରବାର ରୋକିବାରେ ଯଥେଷ୍ଟ ସାହାଯ୍ୟ କରିଛି । ଅବକାରୀ ରାଜସ୍ୱ ଅନେକ ମାତ୍ରାରେ ବୃଦ୍ଧି ମଧ୍ୟ ଘଟିଚି । ପୁନଃ ଅବକାରୀ ଧରପଗଡ଼ କାର୍ଯ୍ୟକ୍ରମ ମଧ୍ୟ କଡ଼ାକଡ଼ି ହୋଇଛି; ଜିଲ୍ଲାପାଳ ଏବଂ ପୋଲିସ ଅଧିକ୍ଷକ ମାନଙ୍କୁ ସଂଦିଗ୍ଧ ଅବୈଧ ମଦରନ୍ଧା କେନ୍ଦ୍ର ସବୁ ଉପରେ ତିକ୍ଷ୍ଣ ଦୃଷ୍ଟି ରଖିବା ଓ ବିଷାକ୍ତ ମଦ କାରବାରକୁ ପ୍ରତିହତ କରିବାକୁ ନିର୍ଦ୍ଦେଶନାମା ଜାରି ହୋଇଛି । ଏସବୁ ଜାଗାରେ ମିଳିତ ଚଢ଼ଉ ଚାଲିଛି । ପରିବର୍ତ୍ତିତ ପରିସ୍ଥିତି ନିରେଖି ଓଡ଼ିଶା ଅବକାରୀ ବିଲ୍ ?, ୨୦୦୫ ନାମ୍ନୀ ଏକ ନୂତନ ଚିଠା ବିଲ୍? ମାନ୍ୟବର ଓଡ଼ିଶା ବିଧାନସଭାରେ ଉପସ୍ଥାପିତ କରାଯାଇଛି; ମାନ୍ୟବର ବିଧାନସଭା ଏ ବିଲକୁ ବିଧାନସଭାର ସିଲେକ୍ଟ କମିଟି ନିକଟକୁ ବିଚାରାର୍ଥେ ପଠାଇଛନ୍ତି । ବିଭିନ୍ନ ରାଜ୍ୟ ପରିଦର୍ଶନ କରି ସିଲେକ୍ଟକମିଟି ଆବଶ୍ୟକୀୟ ସଂଶୋଧନ ସହିତ ଏ ବିଲକୁ ଚୂଡ଼ାନ୍ତ ରୂପରେଖ ଦେଇଛନ୍ତି ; ଏହା ନୂତନ ଆଇନ୍ ?ରେ ପରିଣତ ହୋଇସାରିଛି । ୨୦୧୭ ଏପ୍ରିଲରୁ ରାଜ୍ୟରେ ନୂଆ ମଦ ଆଇନ୍? ପ୍ରଣୟନ ହେଲା । ସମ୍ବିଧାନରୀ ଥିବା 'ଡ଼ିରେକ୍ଟିଭ୍ ପ୍ରିନ୍ସପାଲ ଅଫ୍ ଷ୍ଟେଟ୍ ପଲିସି'ର ଧାରାନୁଯାୟୀ ସ୍ୱାସ୍ଥ୍ୟ ସେବା ଉଦ୍ଦେଶ୍ୟରେ ନିଶାଦ୍ରବ୍ୟକୁ ଔଷଧ ରୂପେ ବ୍ୟବହାର କରାଯାଇ ପାରିବ । ସରକାରଙ୍କ ନିୟମାନୁସାରେ ଲାଇସେନ୍ସ ପ୍ରାପ୍ତ ହୋଟେଲ ଓ ରେଷ୍ଟୁରାଣ୍ଟ ମାଲିକମାନେ ନିଜେ ବାର୍ଭା ଖୋଲି ନଥା'ନ୍ତି ; ଏଥିପାଇଁ ସେମାନେ ଅନ୍ୟକୁ ନିଯୁକ୍ତି ଦେଇଥା'ନ୍ତି । ଏହି ଲାଇସେନ୍ସ ଦେବା କ୍ଷମତା ଜିଲ୍ଲାପାଳଙ୍କୁ ଦିଆଯାଇଛି ।

ଭାରତ ସ୍ୱାଧିନତା ପାଇବା ପୂର୍ବରୁ ଗାନ୍ଧିଜୀଙ୍କର ବହୁତ ବଡ଼ ଇଚ୍ଛା ଥିଲା ଦେଶରୁ ନିଶା ନିବାରଣ କରିବା । ସ୍ୱାଧିନତା ପ୍ରାପ୍ତିର ଅଳ୍ପକାଳ ପୂର୍ବରୁ ସ୍ୱାଧୀନ ଭାରତରେ କେଉଁ କାମକୁ ସେ ଅଗ୍ରାଧିକାର ଦେବେ ବୋଲି ଯେବେ ସାମ୍ବାଦିକମାନେ ଗାନ୍ଧିଜୀଙ୍କୁ ପ୍ରଶ୍ନ କଲେ, ଗାନ୍ଧିଜୀ କହିଥିଲେ 'ମୋର ମତ ସ୍ୱାଧିନତା ପ୍ରାପ୍ତିର ୨୪ଘଣ୍ଟା ଭିତରୀ ଦେଶରୁ ସମ୍ପୂର୍ଣ୍ଣ ନିଶା ହଟିବା ଦରକାର ।' ଗାନ୍ଧି ନିଜେ କହିଛନ୍ତି ସର୍ବ ପ୍ରକାର ହିଂସା, ହତ୍ୟା,ଗଣ ବଳାତ୍କାର ଓ ଶିଶୁ ବଳାତ୍କାର ପଛରେ ମଦ୍ୟର ନିର୍ବିବାଦୀୟ ଭୂମିକା ଅଛି । ଏ କାରଣରୁ ମୂଳୋତ୍ପାଟନ ନ କରି ଅହିଂସାର ସ୍ଲୋଗାନ ଦେଇ ରାଜସ୍ୱ ଆଦାୟ ଉଦ୍ଦେଶ୍ୟ ମଦ୍ୟକୁ ପ୍ରୋତ୍ସାହନ ଦେଇ ଜାଣିଶୁଣି ହିଂସା ଆପଣେଇବା ନୀତି ପ୍ରଚଳିତ । ନିଶା ନିବାରଣ ପାଇଁ ୧୯୫୬ ମସିହାରୁ ଏକ ଆଇନ୍? ପାରିତ ହୋଇ ରାଷ୍ଟ୍ରପତିଙ୍କ ସମ୍ମତି ପାଇ ପଡ଼ି ରହିଛି । ଏହା ସତ୍ତ୍ୱେ ବି. ଜେ. ଡ଼ି. ର ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ପ୍ରସାଦ ସ୍ୱାଇଁ ରାଜ୍ୟ ବିଧାନସଭାରେ ଏକ ବିଧେୟକ ନୀତି ଆଣିଥିଲେ ଓ ଏ ଆଲୋଚନାରେ ସବୁ ଦଳର ସଦସ୍ୟମାନେ ସମ୍ମତି ଦେଇଛନ୍ତି । ତଥାପି ରାଜ୍ୟରେ ଉକ୍ତ ଆଇନ୍? କାର୍ଯ୍ୟକାରୀ ହେବାର ନାହିଁ । ବିହାରରେ ନିଶା ନିବାରଣ ହୋଇପାରିଲା, କିନ୍ତୁ ହୋଇ ପାରିଲାନି ଓଡ଼ିଶାରେ ।

*ଭାଟପଡ଼ା, ନିରାକାରପୁର, କଣାସ (ପୁରୀ)*

# ଶ୍ରୀମଦ୍‌ଭାଗବତ ଏକ ସଂକ୍ଷିପ୍ତ ଆଲୋଚନା

## ଓଁ ନମୋ ଭଗବତେ ବାସୁଦେବାୟ

ଇଂ ଶ୍ରୀ ମୂରଲୀଧର ହୋତା

ମହାଭାରତ ଓ ଭାଗବତରେ ନର, ନାରାୟଣ ଋଷି ଭାଗବତ ଧର୍ମ ବା ଭକ୍ତିମାର୍ଗର ଆଦିପ୍ରବର୍ତ୍ତକ । ଏଥିପାଇଁ ମହାଭାରତ ଏବଂ ଭାଗବତ ପଢ଼ିବା ପୂର୍ବରୁ ନର ଓ ନାରାୟଣଙ୍କ ବନ୍ଦନା କରିବା ହେଲା ବିଧି ।

ନାରାୟଣଂ ନମସ୍କୃତ୍ୟ ନରଂ ଚୈବ ନରୋତ୍ତମଂ
ଦେବୀ ସରସ୍ୱତୀଂ ବ୍ୟାସଂ ତତୋଜୟ ମୁଦୀରୟେତ୍ ।
ମୂକଂ କରୋତି ବାଚାଳଂ ପଙ୍ଗୁ ଲଙ୍ଘୟତେ ଗିରିଂ ।
ଯତ୍‌କୃପା ତମହଂ ବନ୍ଦେ ପରମାନନ୍ଦ ମାଧବଂ ।।
ନିଗମକଳ୍ପତରୋର୍ଗଳିତଂ ଫଳଂ ଶୁକ ମୁଖାଦମୃତ ଦ୍ରବସଂଯୁତଂ
ପିବତ ଭାଗବତଂ ରସମାଳୟଂ ମୁହୁରହୋ ରସିକା ଭୁବିଭାବୁକାଃ ।।
ଏଠାରେ ପରମାନନ୍ଦ ମାଧବଙ୍କର ମଧ୍ୟ ସ୍ତୁତି ଗାନ କରାଯାଇଛି ।
ଅନନ୍ତଶାସ୍ତ୍ରଂ ବହୁଳାଶ୍ଚ ବିଦ୍ୟାଃ ଅଳ୍ପଶ୍ଚ କାଲୋବହୁବିଘ୍ନତା ଚ ।
ଯସ୍ସାରଭୂତଂ ତଦୁପାସନୀୟଂ ହଂସୋ ଯଥା କ୍ଷୀରମିବାମ୍ବୁ ମଧ୍ୟାତ୍ ।।

ଅର୍ଥାତ୍ ଶାସ୍ତ୍ରମାନଙ୍କର ଶେଷ ନାହିଁ । ବିଦ୍ୟା ମଧ୍ୟ ଅଗଣିତ । କିନ୍ତୁ ମନୁଷ୍ୟର ଆୟୁ ଅଳ୍ପ । ସେଥିରେ ପୁଣି ଦାରିଦ୍ର୍ୟ, ରୋଗ, ସଂସାରଜଞ୍ଜାଳ ଇତ୍ୟାଦି ଅନେକ ବିଘ୍ନ । ତେଣୁ ସକଳ ଶାସ୍ତ୍ର, ବିଦ୍ୟାର ଯାହାକିଛି ସାର ତାକୁ ଅଭ୍ୟାସ କରିବା ଉଚିତ୍, ଠିକ୍ ଯେପରି ହଂସ ଜଳକୁ ତ୍ୟାଗକରି ସେଥିରେ ଥିବା କ୍ଷୀରକୁ ପାନକରେ । ଏହି କଥାକୁ ସ୍ମରଣ କରି ନାରଦଙ୍କ ନିର୍ଦ୍ଦେଶ କ୍ରମେ ସକଳ ଶାସ୍ତ୍ରର ସାରତତ୍ତ୍ୱକୁ ସନ୍ନିବିଷ୍ଟ କରି ବ୍ୟାସଦେବ ରଚନା କରିଥିଲେ ଶ୍ରୀମଦ୍‌ଭାଗବତ ମହାପୁରାଣ । ମୌଳିକ-ପୁରାଣ-ପଞ୍ଚଲକ୍ଷଣ ବିଶିଷ୍ଟ ହୋଇଥିଲାବେଳେ, ଅତିରିକ୍ତ ପଞ୍ଚଲକ୍ଷଣ ସଂଯୋଗରେ ସୃଷ୍ଟ ଦଶଲକ୍ଷଣ ବିଶିଷ୍ଟ ପୁରାଣକୁ ମହାପୁରାଣ କୁହାଯାଏ । ଏହାର ଶେଷ ଲକ୍ଷଣ ହେଲା 'ଆଶ୍ରୟ' । ଅର୍ଥାତ୍ ଏହି ଚରାଚର ବିଶ୍ୱର ଉତ୍ପତ୍ତି ଓ ପ୍ରଳୟ ଯେଉଁ ତତ୍ତ୍ୱରେ ପ୍ରକାଶିତ ହୁଏ, ସେହି ପରମବ୍ରହ୍ମ ହିଁ ଆଶ୍ରୟ ବା ଲକ୍ଷ୍ୟ ।

ଭଗବାନ ବାଦରାୟଣ ମହର୍ଷିବ୍ୟାସଦେବ ମହାଭାରତର ରଚୟିତା, ଶ୍ରୀମଦ୍‌ଭାଗବତର ରଚୟିତା, ଶ୍ରୀମଦ୍‌ଭଗବତଗୀତାର ରଚୟିତା, ଅଷ୍ଟାଦଶ ପୁରାଣର ମଧ୍ୟ ରଚୟିତା । ସେ ହିଁ ଯଥାର୍ଥରେ ଭାରତବର୍ଷର ସଂସ୍କୃତିର ଗୁରୁ, ଧର୍ମର ଗୁରୁ । ତାଙ୍କର ଜନ୍ମତିଥି ଆଷାଢ଼ ପୂର୍ଣ୍ଣିମା ଯାହାକୁ ଆମେ ବ୍ୟାସ ପୂର୍ଣ୍ଣିମା ବା ଗୁରୁପୂର୍ଣ୍ଣିମା ହିସାବରେ ପାଳନ କରୁ । ସେ ଦ୍ୱାପର ଯୁଗରେ ଜନ୍ମଗ୍ରହଣ କରିଥିଲେ । ସେ ମହାମୁନି ପରାଶର ଓ ମତ୍ସ୍ୟଗନ୍ଧା (ଯୋଜନଗନ୍ଧା) ବା ସତ୍ୟବତୀଙ୍କର ସପୁତ୍ର ଥିଲେ । ତାଙ୍କ ଅରଣଜାତ ପୁତ୍ରଙ୍କ ନାମ ଶୁକମୁନି । ସଂସ୍କୃତ ଭାଗବତରେ ୧୨ଟି ସ୍କନ୍ଧ ରହିଛି । ଏହାର ପ୍ରତିପାଦ୍ୟ ବିଷୟ ହେଲା –

୧ମ ସ୍କନ୍ଧ – ସତ୍ୟ ସ୍ୱରୂପ ପରମାତ୍ମାଙ୍କୁ ଧ୍ୟାନ କରିବା ।
୨ୟ ସ୍କନ୍ଧ – ଶ୍ରବଣ, ସ୍ମରଣ, କୀର୍ତ୍ତନ ।
୩ୟ ସ୍କନ୍ଧ – ପ୍ରେମ, ଗୁରୁଦତ୍ତ ଜ୍ଞାନକୁ କ୍ରିୟାତ୍ମକ କରିବା ।
୪ୟ ସ୍କନ୍ଧ – ଭାଗବତର ଶ୍ରୋତା କିପରି ହେବା ?
୫ୟ ସ୍କନ୍ଧ – ବକ୍ତାର ଅଧିକାରସ୍ଥିତ ଲୀଳା ।
୬ୟ ସ୍କନ୍ଧ – ନରକ ବର୍ଣ୍ଣନା, ପୁଷ୍ଟି ବା ଅନୁଗ୍ରହ ।
୭ୟ ସ୍କନ୍ଧ – ବାସନା, ଅସଦଭାବନାର ଦୂର ।
୮ୟ ସ୍କନ୍ଧ – ବାସନା, କାମନାର ତ୍ୟାଗ ।
୯ୟ ସ୍କନ୍ଧ ଓ ୧୦ମ ସ୍କନ୍ଧ – ଭାଗବତର ଫଳ ।
୧୧ୟ ସ୍କନ୍ଧ – ମୁକ୍ତି ଲୀଳା ।
୧୨ୟ ସ୍କନ୍ଧ – ଭାଗବତ ପ୍ରତିପାଦ୍ୟ ବିଷୟ ଆଶ୍ରୟ ।

ସେହିପରି ଓଡ଼ିଆ ଭାଗବତର ରଚୟିତା ହେଉଛନ୍ତି, ଅତିବଡ଼ୀ ଜଗନ୍ନାଥ ଦାସ । ଶ୍ରୀଜଗନ୍ନାଥ ଦାସ ମୋଟ ଏକାଦଶ ସ୍କନ୍ଧ ପର୍ଯ୍ୟନ୍ତ ଭାଗବତ ରଚନା କରିଥିବାବେଳେ ମହାଦେବ ଦାସଙ୍କ ରଚିତ ଦ୍ୱାଦଶ ଓ ଦ୍ୱାରକା ଦାସଙ୍କ ରଚିତ ତ୍ରୟୋଦଶ ସ୍କନ୍ଧ ମଧ୍ୟ ଉପଲବ୍ଧ ହୁଏ । ଓଡ଼ିଆ ପୁରାଣ ସାହିତ୍ୟ ସଂସ୍କୃତ ପରମ୍ପରାଠାରୁ ବିଚ୍ଛିନ୍ନ – ଏହା ସ୍ୱତନ୍ତ୍ର ପରମ୍ପରା । ସଂଜ୍ଞା ଓ ଲକ୍ଷଣ ଦ୍ୱାରା ଏହା ନିୟନ୍ତ୍ରିତ ନୁହେଁ । ଆଖ୍ୟାନ, ଉପାଖ୍ୟାନରେ ଏହା ବୁଦ୍ଧିମନ୍ତ, କାବ୍ୟିକ କଳ୍ପନା ବିଳାସରେ ରୂପବନ୍ତ । ସୁତରାଂ ଓଡ଼ିଆ ପୁରାଣ ଏ ଦେଶର ପୁରାଣକାରଙ୍କର ଅଭିନବ ସୃଷ୍ଟିକଳ୍ପନା । ସଂସ୍କୃତ ପୁରାଣ ମାନଦଣ୍ଡରେ ଏହାକୁ ବିଚାର କରାଯାଇପାରିବ ନାହିଁ ।

ପୁରାଣ ମଧ୍ୟରେ ହିନ୍ଦୁର ଧର୍ମ, ଦର୍ଶନ ଓ ବିଶ୍ୱାସ ରୂପାୟିତ । ତାର ଚତୁର୍ବର୍ଗ ଫଳପ୍ରାପ୍ତିର ମାଧ୍ୟମ ରୂପେ ମଧ୍ୟ ପୁରାଣ ସମ୍ମାନିତ ।

ସର୍ବୋପରି ପୁରାଣ ହିଁ ପ୍ରାଚୀନ ଆଦ୍ୟ ଜୀବନର ବୃତ୍ତଚିତ୍ର । ହିନ୍ଦୁଧର୍ମ, ଦର୍ଶନର ମୂଳଧାରା 'ବେଦ'ର ପୁରାଣ ଏକ ସାହିତ୍ୟିକ ପ୍ରତିରୂପ ମାତ୍ର । ପୁରାଣର ଚରିତ୍ରମାନେ ମଧ୍ୟ ଦେବତତ୍ତ୍ୱର ପ୍ରତୀକ, ପ୍ରତିମୂର୍ତ୍ତି ରୂପେ ଅବତୀର୍ଣ୍ଣ । ସେଇଥିପାଇଁ ତ ପୁରାଣର ଅନ୍ୟନାମ ପଞ୍ଚମବେଦ । ପୁରାଣ ମଧ୍ୟରେ ରହିଛି ଭାରତର ଇତିହାସ, ହିନ୍ଦୁ ଧର୍ମର ଅଭିବ୍ୟକ୍ତି ଓ ଉତ୍ତୋରତ୍ତର ବିକାଶ । ତେଣୁ ପୁରାଣ ଅର୍ଥ ପ୍ରଧାନ । ସର୍ବୋପରି ଏହା ଭାରତୀୟର ଜୀବନ-ବେଦ, ଯାହା ତା'ର ଅତୀତକୁ ସ୍ପଷ୍ଟ କରେ, ବର୍ତ୍ତମାନକୁ ନିୟନ୍ତ୍ରିତ କରେ ଓ ଭବିଷ୍ୟତର ପଥ ମଧ୍ୟ ସୁଗମ କରେ । ପରିକ୍ଷୀତଙ୍କ ଚରିତ୍ର, ଶ୍ରୀମଦ୍‌ଭାଗବତର ଏକ ବଳିଷ୍ଠ ଚରିତ୍ର । ତେଣୁ ପ୍ରାକ୍‌କଥନର ଶେଷାଂଶରେ ଶ୍ରୋତାମାନଙ୍କୁ ଶ୍ରୀପରିକ୍ଷୀତଙ୍କ ସହିତ ପରିଚୟ କରାଇଦେବାକୁ ଉଚିତ ମନେ କରୁଛି । ପରିକ୍ଷୀତ ଥିଲେ ଅଭିମନ୍ୟୁ ଏବଂ ଉତ୍ତରାଙ୍କ ପୁଅ, ମଧ୍ୟମ ପାଣ୍ଡବ ଅର୍ଜୁନଙ୍କ ନାତି । ମହାଭାରତ ଯୁଦ୍ଧ ଅନ୍ତେ ଶାନ୍ତି ପ୍ରତିଷ୍ଠା ପରେ ପାଣ୍ଡବମାନେ ରାଜ୍ୟ ଶାସନ କଲେ । ଶେଷରେ ପରିକ୍ଷୀତଙ୍କ ହାତରେ ରାଜ୍ୟଭାର ଅର୍ପଣ କରି ପାଣ୍ଡବମାନେ ହିମାଳୟକୁ ଚାଲିଗଲେ । ପରିକ୍ଷୀତ ମହାରାଜ ଯୁଧିଷ୍ଠିରଙ୍କ ଆଦର୍ଶକୁ ପାଥେୟ କରି ସୁଚାରୁରୂପେ ରାଜ୍ୟ ଶାସନ କରୁଥାନ୍ତି । ଦିନେ ପରିକ୍ଷୀତ ଶିକାର ଉଦ୍ଦେଶ୍ୟରେ ବନ ଭିତରେ ବୁଲୁଥିବାବେଳେ ପଥହୁଡ଼ି କ୍ଷୁଧା, ତୃଷାରେ ବ୍ୟାକୁଳ ହୋଇ ମହାତେଜସ୍ୱୀ ଋଷି ଶମୀକଙ୍କ ଆଶ୍ରମ ନିକଟରେ ପହଞ୍ଚିଲେ । ଶମୀକ ସେତେବେଳେ ଧ୍ୟାନମଗ୍ନ ଥିଲେ । ରାଜା ତୃଷା ନିବାରଣ ପାଇଁ ଋଷିଙ୍କୁ ଜଳ ମାଗିଲେ, ହେଲେ ଋଷି ଧ୍ୟାନମଗ୍ନ ଥିବାରୁ ଏଥିପ୍ରତି କର୍ଣ୍ଣପାତ କରିନଥିଲେ । ବାସ୍ ! ଠିକ୍ ଏହି ସମୟ ଉଣ୍ଡି କଳି ପ୍ରତିଶୋଧ ନେବା ଉଦ୍ଦେଶ୍ୟରେ ରାଜା ପରିକ୍ଷୀତଙ୍କ ଉପରେ ପ୍ରଭାବ ବିସ୍ତାର କରିଥିଲା । ରାଜାଙ୍କର ହୃଦ୍‌ବୋଧ ହେଲା, ଋଷି ଜାଣିଶୁଣି ତାଙ୍କୁ ଅବଜ୍ଞା କରି ଅପମାନିତ କରୁଛନ୍ତି । ରାଜା ନିକଟରେ ପଡ଼ିଥିବା ମଲା ସାପଟିକୁ ଋଷିଙ୍କ ବେକରେ ପକାଇଦେଇ ସେଠାରୁ ଚାଲିଆସିଲେ । ଋଷିଙ୍କ ତେଜସ୍ୱୀ ପୁତ୍ର ଶୃଙ୍ଗୀ ଆସି ଦେଖନ୍ତି ତ ଧ୍ୟାନମଗ୍ନ ପିତାଙ୍କ ବେକରେ ମଲା ସାପଟିଏ ପଡ଼ିଛି । ସେ ଅଭିଶାପ ଦେଲେ ଯିଏ ଏହି କୁକର୍ମ କରିଛି ତାକୁ ଆଜିଠାରୁ ୭ ଦିନ ଭିତରେ ତକ୍ଷକ ଦଂଶନ କରିବ । ତା'ର ମୃତ୍ୟୁ ସୁନିଶ୍ଚିତ । ତାହା ସତ୍ୟ ହୋଇଥିଲା । ପରିକ୍ଷୀତ ମୃତ୍ୟୁ ନିଶ୍ଚିତ ଜାଣି ଗଙ୍ଗା ତଟରେ ମୁନିଋଷିଙ୍କ କଣ୍ଠରୁ ପାବନ ଶ୍ରୀମଦ୍‌ଭାଗବତ କଥାମୃତ ଶ୍ରବଣ କରିଥିଲେ ।

**ଭାଗବତ ମହାପୁରାଣର ନିଷ୍କର୍ଷ :**

ବେଦ ଚତୁଷ୍ଟୟକୁ କଳ୍ପବୃକ୍ଷ ରୂପେ ଋଷିଗଣ କଳ୍ପନା କରିଥିବା ବେଳେ ଶ୍ରୀମଦ୍‌ଭାଗବତ ହେଉଛି ସେହି ବେଦ କଳ୍ପତରୁର ସୁମଧୁର ପକ୍ୱଫଳ । ଏହି ଦିବ୍ୟଫଳ ପାଚି ଝଡ଼ିବା ପରେ ଶୁକଦେବ ଗୋସ୍ୱାମୀ ଏଥିରେ ଚଞ୍ଚୁ ଆଘାତ କରି ସ୍ୱାଦ ଆସ୍ୱାଦନ କଲେ । ଶୁକମୁଖ ଦ୍ୱାରା ନଷ୍ଟହୋଇ ସେଥିରୁ ଅମୃତ ରସ ଝରିଆସିଲା । ବିବିଧ ରସର ଭଣ୍ଡାର, ଭାଗବତର ଦିବ୍ୟ ଅମୃତ ରସକୁ ମର୍ମଜ୍ଞ ପୁରୁଷମାନେ ପାନ କରିବାରେ ଲାଗିଲେ ।

ଭାଗବତ କହିଲେ, ଭଗବାନ ଓ ଭଗବାନଙ୍କ ସମ୍ବନ୍ଧୀୟ ସମସ୍ତ ବର୍ଣ୍ଣନାକୁ ବୁଝାଏ । ଭାଗବତ ଶବ୍ଦର ପ୍ରତ୍ୟେକ ଅକ୍ଷରର ମହତ୍ତ୍ୱ ରହିଛି । ଯେପରି 'ଭ' ଅକ୍ଷରକୁ ଭବିଷ୍ୟତ, 'ଗ' ଅକ୍ଷରରୁ ଗତ ବା ଅତୀତ, 'ବ' ଅକ୍ଷରରୁ ବର୍ତ୍ତମାନ ଓ 'ତ' ଅକ୍ଷରରୁ ତତ୍ତ୍ୱ । ଅର୍ଥାତ୍ ସବୁକାଳ ପାଇଁ ସମାନ ଓ ଅପରିବର୍ତ୍ତନୀୟ ବ୍ରହ୍ମତତ୍ତ୍ୱ ବହନକାରୀ ପୁରାଣ ହିଁ ଭାଗବତ । ଅନ୍ୟ କେତେକଙ୍କ ମତରେ 'ଭା' ହେଲା ଭାବ ବା ଈଶ୍ୱର ଭାବନା, 'ଗ' ହେଲା ଜ୍ଞାନ ବା ଈଶ୍ୱରୀୟ ଜ୍ଞାନ, 'ବ' ହେଲା ବ୍ରହ୍ମ ବା ଈଶ୍ୱର । 'ତ' ହେଲା ବ୍ରହ୍ମଙ୍କର ତତ୍ତ୍ୱ । ତେଣୁ ଈଶ୍ୱର, ତାଙ୍କ ଭାବନା, ତାଙ୍କ ସମ୍ପର୍କିତ ଜ୍ଞାନ ଏବଂ ତାଙ୍କ ତତ୍ତ୍ୱ, ଏହା ହିଁ ସାମଗ୍ରିକ ଭାବରେ ଭାଗବତ । ଏତଦ୍‌ବ୍ୟତୀତ ଭାଗବତରେ ବ୍ୟାପ୍ତନିଦାନ ପରଂବ୍ରହ୍ମ, ସ୍ୱୟଂ ଭଗବାନ ଶବ୍ଦର ଅର୍ଥ ମଧ୍ୟ ନାନାଭାବେ ବର୍ଣ୍ଣନା କରାଯାଇଛି । 'ଭଗ'ର ଅର୍ଥ ହେଲା : ଦୈବୀ, ମାନବୀୟ ଓ ଭୌତିକ ଆଦି ସମସ୍ତ ଐଶ୍ୱର୍ଯ୍ୟର ସମାହାର ଓ 'ବାନ'ର ଅର୍ଥ ହେଲା ଅଧିକାରୀ । ତେଣୁ ଭଗବାନ ଶବ୍ଦର ଅର୍ଥ ହେଲା ଏ ସମସ୍ତ ଐଶ୍ୱର୍ଯ୍ୟର ଅଧିକାରୀ, ଠିକ୍ ଯେପରି ଧନର ଅଧିକାରୀ ଧନବାନ, ଜ୍ଞାନର ଅଧିକାରୀ ଜ୍ଞାନବାନ । ଏହିଭଳି ଜଣେ ମର୍ଯ୍ୟାଦାବନ୍ତ ପୁରୁଷର ଗୁଣଗାନ ଏବଂ ଇତିବୃତ୍ତି ସମ୍ବଳିତ ଗ୍ରନ୍ଥକୁ ଭାଗବତ କୁହାଯାଏ । ମହାପୁରାଣର ଲକ୍ଷଣଗୁଡ଼ିକ ଦୈନନ୍ଦିନ ଜୀବନଚର୍ଯ୍ୟାରେ ମାନବୋଚିତ ସମ୍ବନ୍ଧ ।

ସମ୍ବନ୍ଧ ଦୁଇଟି ଶବ୍ଦର ସମାହାର : ସମ୍ + ବନ୍ଧ । ସମ୍ ଏକ ଉପସର୍ଗ । ଏହା ମଧ୍ୟରେ ସ୍ନେହ, ପ୍ରେମ, ପ୍ରୀତି ଓ ଆନ୍ତରିକତା ପ୍ରକାଶିତ । ବନ୍ଧ ଅର୍ଥାତ୍ ବନ୍ଧନ । ସ୍ନେହ, ପ୍ରେମ, ପ୍ରୀତି ଓ ଆନ୍ତରିକତାର ବନ୍ଧନକୁ ସମ୍ବନ୍ଧ କୁହାଯାଏ, ମାତ୍ର ସମ୍ବନ୍ଧୀ ସହ ଆସକ୍ତି ରହିଲେ ବ୍ୟକ୍ତି ଲକ୍ଷ୍ୟଭ୍ରଷ୍ଟ ହୁଏ । ଆସକ୍ତି ରହିତ ସମ୍ବନ୍ଧକୁ ଭାଗବତ ଶିକ୍ଷା ଦିଏ । ଏହି ଆସକ୍ତି ରହିତ ସମ୍ବନ୍ଦ ସହ, ଈଶ୍ୱର

ଚିନ୍ତନରେ ହୃଦୟ ବିଗଳିତ ହେଲେ ଚକ୍ଷୁ ଅଶ୍ରୁଳ ହୋଇଯାଏ ଓ ଶରୀରରେ ରୋମାଞ୍ଚ ସୃଷ୍ଟିହୁଏ । ଏହାତ କେତେକଙ୍କର ଅନୁଭବର କଥା ।

ଏହି ଐଶ୍ୱରୀୟ ସତ୍ତାର ବ୍ୟାପ୍ତି ହେଉଛି ସମଗ୍ର ବିଶ୍ୱବ୍ରହ୍ମାଣ୍ଡ । ତେଣୁ ସବୁ ସ୍ଥାନରେ, ସବୁ ସମୟରେ ଓ ସବୁ କାଳରେ ସେ ବିଦ୍ୟମାନ ଓ ପରିବ୍ୟାପ୍ତ । ସେ ଭିନ୍ନ ଭିନ୍ନ 'ଉପାଧି' ନେଇ ଭିନ୍ନ ଭିନ୍ନ ନାମରେ ପରିଚୟ ଲାଭ କରନ୍ତି । 'ଈଶ୍ୱର' ଉପାଧିରେ ସେ ଭଗବାନ ବା ବ୍ରହ୍ମ ନାମ ଧାରଣ କରୁଥିବାବେଳେ 'ଶରୀର' ଉପାଧିରେ ସେ ଜୀବାତ୍ମା । ଏହି ପୁରୁଷ ଶରୀର ରୂପକ ଦେହରେ ଦେହୀ, ଶରୀର ରୂପକ ରଥର ରଥୀ ଓ ଶରୀର ରୂପକ ଆବରଣରେ ଆନନ୍ଦମୟ କୋଷ ଯାହା ଆନନ୍ଦ ହିଁ ଆନନ୍ଦ ଦେଇଥାଏ । ଯାହାକୁ ପରମାନନ୍ଦ କୁହାଯାଇଥାଏ । ଏହି ପରମାନନ୍ଦ ଚାରୋଟି କୋଷ ବା ଆବରଣ ଦ୍ୱାରା ଆବୃତ । ସେଗୁଡ଼ିକ ହେଲା : ଅନ୍ନମୟ କୋଷ (ସ୍ଥୁଳ ଶରୀର), ପ୍ରାଣମୟ କୋଷ (ଶ୍ୱାସକ୍ରିୟା, ଯାହା ଶରୀରକୁ ପ୍ରାଣ ଓ ଶକ୍ତି ଯୋଗାଏ, ଗତିଶୀଳ କରେ), ଜ୍ଞାନମୟ କୋଷ (ବୁଦ୍ଧି, ଯାହା ମନକୁ ନିୟନ୍ତ୍ରିତ କରେ), ବିଜ୍ଞାନମୟ କୋଷ (ଚିତ୍ତବୃତ୍ତି–ଯାହା ବିଚାରବନ୍ତ ଭାବେ ଅନ୍ୱେଷଣ ଓ ଅନୁସନ୍ଧିତ୍ସା ପୂର୍ବକ କାର୍ଯ୍ୟ କରିବାକୁ ବୁଦ୍ଧିକୁ ପ୍ରରୋଚିତ କରେ) । ଏହି ଚାରୋଟି କୋଷ ଆନନ୍ଦମୟ କୋଷର ଆବରଣ ଓ ଏହି ଆନନ୍ଦମୟ କୋଷ ହିଁ ସେହି ପରମପୁରୁଷଙ୍କ ଆବାସସ୍ଥଳୀ, ଯେଉଁଠାରେ ଜୀବନର ଚିର ଆକାଂକ୍ଷିତ ଆନନ୍ଦ, କେବଳ ଆନନ୍ଦ ହିଁ ଉପଲବ୍ଧ ହୁଏ ।

ସକଳ ବିଘ୍ନ ନାଶ ପାଇଁ ନାରାୟଣ କବଚ, କାମନା ପୂର୍ତ୍ତିପାଇଁ ପୁଂସବନ ବ୍ରତ, ମନୋବାଞ୍ଛିତ ସନ୍ତାନସନ୍ତତି ପାଇଁ ପୟୋବ୍ରତ, ଋଣମୁକ୍ତି ପାଇଁ ଗଜେନ୍ଦ୍ର ସ୍ତୁତି ଆଦି ଅବ୍ୟର୍ଥ ଉପାୟ ସବୁ ଏହି ଶାସ୍ତ୍ରରେ ବର୍ଣ୍ଣିତ ଅଛି । ଇହଲୋକ ଓ ପରଲୋକରେ କଲ୍ୟାଣକାରୀ ଏହି ଶାସ୍ତ୍ରକୁ ପରମହଂସ ସଂହିତା ବୋଲି ମଧ୍ୟ କୁହାଯାଏ । ସେଇଥିପାଇଁ ଶ୍ରୀ ଜଗନ୍ନାଥ ଦାସ ତାଙ୍କ ଭାଗବତରେ ଲେଖିଛନ୍ତି : ''ପରମ ଶାସ୍ତ୍ର ଭାଗବତ, ଅଭ୍ୟାସ କରୁଥିବ ନିତ୍ୟ ।'' ବ୍ୟାସଦେବ ରଚିତ ସଂସ୍କୃତ ଭାଗବତର ପ୍ରଥମ ଟୀକାକାର ହେଉଛନ୍ତି ବାଲେଶ୍ୱରର 'ମରେଇ' ଗ୍ରାମରେ ଜନ୍ମିତ ଓଡ଼ିଶାର ଜଣେ ସ୍ୱନାମଧନ୍ୟ ବାଗ୍ମୀ, ପଣ୍ଡିତ ଆଚାର୍ଯ୍ୟ ଶ୍ରୀଧରସ୍ୱାମୀ ।

ଶ୍ରୀ ଜଗନ୍ନାଥ ଦାସଙ୍କ ପିତାଙ୍କ ନାମ ଥିଲା ଶ୍ରୀ ନାରାୟଣ ଦାସ । ଲୋକେ ତାଙ୍କୁ ସମ୍ମାନର ସହିତ ନାରାୟଣ ପୁରାଣପଣ୍ଡା ବୋଲି ସମ୍ବୋଧନ କରୁଥିଲେ । ଶ୍ରୀ ନାରାୟଣ ଦାସ, ସମବେତ ଜନତାଙ୍କ ଆଗରେ ସଂସ୍କୃତ ଭାଗବତ ପାଠକରି, ବୁଝାଇ ଶ୍ରୋତାମାନଙ୍କ ନିକଟରୁ କିଛି ସଶ୍ରଦ୍ଧ ପାରିଶ୍ରମିକ ପାଉଥିଲେ । ଏହା ହିଁ ଥିଲା ପଣ୍ଡିତଙ୍କର ଜୀବିକାର୍ଜନର ମାର୍ଗ । ଅନ୍ୟ ଶ୍ରଦ୍ଧାଳୁଙ୍କ ସହିତ ପଣ୍ଡିତଙ୍କ ସ୍ତ୍ରୀ ମଧ୍ୟ ସେଠାରେ ଯୋଗଦାନ କରୁଥିଲେ । କିନ୍ତୁ ସେ ସଂସ୍କୃତ ଭାଷା ଶିଖିନଥିବାରୁ ସଂସ୍କୃତ ଭାଗବତର ଭାବାର୍ଥ ହୃଦୟଙ୍ଗମ କରିପାରୁନଥିଲେ । ସେଥିପାଇଁ ତାଙ୍କ ମନରେ ଥିଲା ଗଭୀର କ୍ଷୋଭ ଏବଂ ଏହି କାରଣରୁ ତାଙ୍କ ମନ ସବୁବେଳେ ବିଷର୍ଣ୍ଣ ରହୁଥିଲା । ଏହି ବିଷର୍ଣ୍ଣତାର କାରଣ ସମୟାନୁକ୍ରମେ ଶ୍ରୀ ଜଗନ୍ନାଥ ଦାସ ଜାଣିପାରି ମା'ଙ୍କ ପାଖରେ ପ୍ରତିଜ୍ଞା କରିଥିଲେ ଯେ ମା'ଙ୍କ ଜୀବିତାବସ୍ଥାରେ ସେ ସଂସ୍କୃତ ଭାଗବତକୁ ଓଡ଼ିଆରେ ଅନୁବାଦ କରି ପ୍ରତ୍ୟହ ତାଙ୍କୁ ଗୋଟିଏ ଅଧ୍ୟାୟ ଶୁଣାଇବେ । ତାଙ୍କ ପ୍ରତିଜ୍ଞାର ଫଳହେଲା ନବାକ୍ଷରୀ ଛନ୍ଦରେ ଓଡ଼ିଆ ଭାଗବତର ସୃଷ୍ଟି । ସେ ମଧ୍ୟ ମା'ଙ୍କ ନିକଟରେ ତାଙ୍କ ବଚନବଦ୍ଧତାର ପ୍ରମାଣ ଦେଇ ମା'ଙ୍କ ମନୋବାଞ୍ଛା ପୂର୍ଣ୍ଣ କରିଥିଲେ । ଏଭଳି ବଚନବଦ୍ଧ ପୁତ୍ର କେବଳ ଓଡ଼ିଶାରେ କାହିଁକି ସାରା ଭାରତବର୍ଷରେ ବିରଳ । ପିତାଙ୍କ ଦେହାନ୍ତ ଶ୍ରୀଜଗନ୍ନାଥ ଦାସଙ୍କୁ ବଡ଼ଦେଉଳର ପୁରାଣ ପଢ଼ିବା କାର୍ଯ୍ୟକ୍ରମ ଆଦରି ନେବାକୁ ପଡ଼ିଥିଲା । ନିଜେ ରଚନା କରିଥିବା ପଂକ୍ତିଗୁଡ଼ିକୁ ପ୍ରଥମେ ଜଗନ୍ନାଥଙ୍କୁ ଶୁଣାଇ ଦାସେ ବଟଗଣେଶ ମୂଳେ ବସି ପୁରାଣ ପାଠ କରନ୍ତି । ଏକଦା ଭେଟ ହେଲେ ଶ୍ରୀଚୈତନ୍ୟ ମହାପ୍ରଭୁ । ଦାସଙ୍କ ଭାଗବତ ଚର୍ଚ୍ଚାରେ ମୁଗ୍ଧହୋଇ ମୁଣ୍ଡରେ ଭିଡ଼ିଦେଲେ ନିଜ ଉତ୍ତରୀୟ । ସହର୍ଷେ କୋଳାଗ୍ରତ କରିବା ସହିତ ସେହିଦିନ ଭୂଷିତ କରିଥିଲେ ଅତିବଡ଼ୀ ଉପାଧିରେ ।

ସେବେଠାରୁ ଶ୍ରୀଜଗନ୍ନାଥ ଦାସଙ୍କ ରଚିତ ଓଡ଼ିଆ ଭାଗବତର ପ୍ରଚାର ଏବଂ ପ୍ରସାର ଆପେ ଆପେ ଓଡ଼ିଶାର କୋଣ–ଅନୁକୋଣକୁ ବିଜୁଳି ବେଗରେ ବ୍ୟାପିଗଲା । ପ୍ରତି ଗ୍ରାମରେ ଗଢ଼ିଉଠିଲା ଭାଗବତ ଟୁଙ୍ଗୀ ଏବଂ ସ୍ଥାପିତ ହେଲା ଭାଗବତ ଗାଦି । ପ୍ରତିଦିନ ସନ୍ଧ୍ୟାରେ ଗାଁ ଲୋକେ ଏକାଠି ବସି ଭାଗବତ ରସାମୃତ ପାନ କରିବାକୁ ଲାଗିଲେ । କ୍ରମେ ଏହା ଏକ ଆନ୍ଦୋଳନରେ ରୂପାନ୍ତରିତ ହୋଇଗଲା । ଗାଁ ଭାଗବତ ଟୁଙ୍ଗୀ ଏକ ଆଧ୍ୟାତ୍ମିକ କେନ୍ଦ୍ର, ବୈଠକି ଘର, ଗାଁର ସମୂହ ପରମ୍ପରା ଏବଂ ସ୍ୱାର୍ଥଜଡ଼ିତ କାର୍ଯ୍ୟକ୍ରମର ଆଲୋଚନା କେନ୍ଦ୍ର ଏବଂ ଗ୍ରାମ୍ୟ ଅଦାଲତ ଗୃହଭାବେ କାର୍ଯ୍ୟକାରି ଚାଲିଲା, ଶହ ଶହ ବର୍ଷ ଧରି । ଲୋକଙ୍କର ବସ୍ତୁବାଦୀ ମନବୃତ୍ତି ଏବଂ ଅର୍ଥଲାଳସାର ଅଭ୍ୟୁଦୟ ସହିତ ଏହି ଆନ୍ଦୋଳନ

ଭଙ୍ଗା ପଡ଼ିଗଲା । ଆଜି ଏହା ସମ୍ପୂର୍ଣ୍ଣ ଅବଲୁପ୍ତ । ଅବଶ୍ୟ ଆଜିର ଓଡ଼ିଶା ସରକାର ଭାଗବତ ଟୁଙ୍ଗୀର ପୁନରୁଦ୍ଧାର ପାଇଁ କିଛି ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି, ଏହା ନିଶ୍ଚିତ ଭାବରେ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କିନ୍ତୁ ଏହାଦ୍ୱାରା ଯେ ପୂର୍ବାବସ୍ଥା ଫେରିଆସିବ ଏ ଆଶା ମଧ୍ୟ କ୍ଷୀଣ । ଓଡ଼ିଆ ଭାଗବତକାର ଶ୍ରୀଜଗନ୍ନାଥ ଦାସଙ୍କ ଖ୍ୟାତି ଯେତେବେଳେ ସାରା ଓଡ଼ିଶାକୁ କବଳିତ କରିବାକୁ ବସିଲା ସେତେବେଳର ସଂସ୍କୃତ ଭାଷାଭିମାନୀ ପଣ୍ଡିତମାନେ ଜଗନ୍ନାଥ ଦାସଙ୍କ ଭାଗବତକୁ ତେଲି ଭାଗବତ ବୋଲି କହିଲେ । ତାଙ୍କ ବିରୁଦ୍ଧରେ ଗଜପତି ମହାରାଜାଙ୍କ ନିକଟରେ କୁତ୍ସାରଟନା କଲେ । ଆଜିର ମହୋଦଧି ବେଳାଭୂମିରେ ଅବସ୍ଥିତ ଶ୍ରୀ ଜଗନ୍ନାଥଙ୍କ 'ସାତଲହଡ଼ି' ମଠ ସେହି କୁତ୍ସାରଟନାର ଫଳଶ୍ରୁତି ହିଁ ବହନ କରେ ।

ଶ୍ରୀମଦ୍‌ଭାଗବତ ମହାପୁରାଣରେ ସମୁଦାୟ ୧୮ ହଜାର ଶ୍ଲୋକ, ୧୨ଟି ସ୍କନ୍ଧରେ ସନ୍ନିବିଷ୍ଟ ହୋଇ ସେହି କୋଟିବ୍ରହ୍ମାଣ୍ଡ ନାୟକ, ପରମ କାରୁଣିକ ଭଗବାନ ଶ୍ରୀକୃଷ୍ଣଙ୍କ ଅପୂର୍ବ ଲୀଳା ବିଷୟରେ ବର୍ଣ୍ଣନା କରାଯାଇଛି । ବିଭିନ୍ନ ସ୍କନ୍ଧରେ ପ୍ରଭୁଙ୍କର ଶରୀରର ବିଭିନ୍ନ ଅଂଶର ବର୍ଣ୍ଣନା ଅତି ନିଖୁଣ ଭାବରେ କରାଯାଇଛି । ଦଶମ ସ୍କନ୍ଧରେ ଭକ୍ତିଯୋଗ ପ୍ରତ୍ୟେକ ଭକ୍ତପ୍ରାଣକୁ ପୁଲକିତ କରେ ଓ ଶିହରଣ ସୃଷ୍ଟିକରେ । ତେଣୁ ପୁନଶ୍ଚ ଭାଗବତକାର କହିଲେ :– ''ତତ୍ତ୍ୱ ବୁଝିଲେ ତୁଟେ ଭ୍ରାନ୍ତି, ଭବସାଗରୁ ତରିଯାନ୍ତି ।''

ସଂସ୍କୃତ ଭାଗବତର ପ୍ରଚାର ପାଇଁ ଲୋମହର୍ଷଣ ଋଷିଙ୍କୁ ଦାୟିତ୍ୱ ଦିଆଗଲା । ତାଙ୍କ ପୁତ୍ର ସୁତମୁନି ପ୍ରଚାର ଓ ପ୍ରସାର ଦାୟିତ୍ୱରେ ରହିଲେ । ନୈମିଷାରଣ୍ୟରେ ଋଷିମାନଙ୍କର ଅଧିଷ୍ଠାନ କ୍ଷେତ୍ର ଥିଲା । ଷାଠିଏ ହଜାର ଋଷିଙ୍କର ପ୍ରତିନିଧି ସ୍ୱରୂପ ଶୌନକମୁନି ସୁତମୁନିଙ୍କୁ ଯେଉଁ ପ୍ରଶ୍ନମାନ ପଚାରିଲେ ତା'ର ଉତ୍ତର ଭାଗବତର ପ୍ରଥମରୁ ଦ୍ୱାଦଶ ସ୍କନ୍ଧ ମଧ୍ୟରେ ବର୍ଣ୍ଣିତ ହୋଇଛି ।

ଶ୍ରୀମଦ୍‌ଭାଗବତରେ ଯାହାସବୁ ବର୍ଣ୍ଣନା କରାଯାଇଛି ତାକୁ ସାମଗ୍ରିକ ଭାବରେ ବିଚାର କଲେ ତା'ର ଉଦ୍ଦେଶ୍ୟ ହେବ :

ଧର୍ମ ଏକ ପୋତ ଗଢ଼ିଛନ୍ତି ବିଧି
ତରିବାକୁ ଏହି ସଂସାର ବାରିଧି ।
ଧର୍ମ ଏକାସିନା ମହତପଣିଆ
ଆଉ ବଡ଼ପଣ ଅଢ଼େଇଦିନିଆ ।

(କବିବର ରାଧାନାଥ ରାୟ)

ଶେଷରେ :

ଗୋବିନ୍ଦ ଗୋବିନ୍ଦ ଗୋବିନ୍ଦ, ପଦୁଁ ଗଳୁଛି ମକରନ୍ଦ
ସେ ମକରନ୍ଦ ପାନ କରି, ହେଲେ ତରିଲେ ବ୍ରଜନାରୀ
ସେ ବ୍ରଜନାରୀଙ୍କ ପୟରେ, ମନ ମୋ ଥାଉ ନିରନ୍ତରେ
ମନ ମୋ ନିରନ୍ତରେ ଥାଉ, ହା' କୃଷ୍ଣ ବୋଲି ଜୀବ ଯାଉ
ହା' କୃଷ୍ଣ ବୋଲି ଯାଉ ଜୀବ, ମତେ ଉଦ୍ଧର ବାସୁଦେବ ।।

ସର୍ବଶେଷରେ କ୍ଷମାପନ ମନ୍ତ୍ର :

ଭୀମସ୍ୟାପି ରଣେ ଭଙ୍ଗୋ ମୁନେରପି ମତିଭ୍ରମଃ ।
ଯଦି ଶୁଦ୍ଧମଶୁଦ୍ଧଂ ବା ମମଦୋଷୋ ନ ବିଦ୍ୟତେ ।।
ହରିଃ ଓଁ ତତ୍‌ସତ, ହରିଃ ଓଁ ତତ୍‌ସତ, ହରିଃ ଓଁ ତତ୍‌ସତ ।

୧୦୦୭, ମହାନଦୀ ବିହାର, କଟକ

# ଦିବ୍ୟ ଆଲୋକମୟ ମୁକ୍ତିପଥ

– ଇଂ ଶ୍ରୀ ଗୌର ଚନ୍ଦ୍ର ମିଶ

ଜୀବନ ଏକ ସଂଗ୍ରାମର କ୍ଷେତ୍ର । ''ଶରୀର ପ୍ରଧାନ ଜୀବନଚର୍ଯ୍ୟା'' ଜୀବନ ଯାତ୍ରାକୁ ଅନେକ ସମୟରେ ଭାରାକ୍ରାନ୍ତ କରିଥାଏ । ଦୁର୍ଲ୍ଲଭ ମାନବ ଜନ୍ମକୁ ସାର୍ଥକ କରିବା କ୍ଷେତ୍ରରେ ଲକ୍ଷ୍ୟ ତଥା ଗତିପଥ ସ୍ଥିର କରିବାରେ ଦ୍ୱନ୍ଦ୍ୱ ଉପୁଜି ଅଘଟଣମାନଙ୍କର ସମ୍ମୁଖୀନ ହେବାକୁ ପଡ଼ିଥାଏ । ଜୀବନଚର୍ଯ୍ୟାକୁ ବିକାରମାନଙ୍କଠାରୁ ମୁକ୍ତ ରଖିବାର ସାଧନା, ସୁସ୍ଥ ସୁନ୍ଦର ଜୀବନ ପାଇଁ ଅପରିହାର୍ଯ୍ୟ ଅଟେ । ବିଦ୍ୟା ଶିକ୍ଷାଗତ ଜ୍ଞାନ, ପ୍ରଗତିର ଅନ୍ୟତମ ଅବଲମ୍ବନ ହୋଇପାରେ, କିନ୍ତୁ ସର୍ବୋତ୍ତମ ବା ଅନନ୍ୟ ଅବଲମ୍ବନ ନୁହେଁ । ଉଚ୍ଚ ଶିକ୍ଷା ତଥା ଖ୍ୟାତି ପ୍ରାପ୍ତ ଶିକ୍ଷିତ ଚରିତ୍ରମାନେ ଅନେକ ସମୟରେ ଭୋଗବିଳାସପୂର୍ଣ୍ଣ ଜୀବନଯାପନ ପ୍ରତି ଆକୃଷ୍ଟ ହୋଇ ମୁକ୍ତିପଥର ସନ୍ଧାନରୁ ବଞ୍ଚିତ ରହନ୍ତି । ମୂଲ୍ୟବୋଧ ଜୀବନଚର୍ଯ୍ୟାର ଅମୃତମୟ ଉପଲବ୍ଧି ସେମାନଙ୍କ ପାଇଁ ସ୍ୱପ୍ନ ହୋଇଯାଏ । ନକରାତ୍ମକ ସଂକଳ୍ପ, ଭାବନା ତଥା କର୍ମର ଜ୍ୱାଳାରେ ପିଡ଼ିତ ଥାଇ ସୁଖ ଏବଂ ଶାନ୍ତି ପ୍ରାପ୍ତିର ବ୍ୟାକୁଳାତାକୁ ଏଡ଼ାଇ ନପାରି ବିବିଧ ଆଧ୍ୟାତ୍ମିକ ମାର୍ଗର ଅନୁସରଣ କରିଥାନ୍ତି । ଯଥା ସମୟ ହେଉ ବା ବିଳମ୍ବରେ ହେଉ, ଆଧ୍ୟାତ୍ମିକତାର ଅନ୍ୟତମ ସୁଲଭ ମାର୍ଗ ଭକ୍ତିମାର୍ଗର ଅନୁସନ୍ଧାନ ପ୍ରତି ଶ୍ରଦ୍ଧା ଜାଗ୍ରତ ହୋଇଥାଏ । ଆଧ୍ୟାତ୍ମିକତା ପ୍ରତି ଅନୁରାଗ ଏକ ସ୍ୱାଭାବିକ ଜୀବନଧାରା । ସୃଷ୍ଟିର ଚକ୍ର, ଆଦି, ମଧ୍ୟ, ଅନ୍ତ ତ୍ରିସ୍ତରୀୟ ରଚନା ତଥା ଆତ୍ମପରିଚୟ ସହିତ ଭଗବାନଙ୍କ ସତ୍ୟ ସମର୍ଥିତ ପରିଚୟ ପ୍ରାପ୍ତି ପ୍ରତି ଉନ୍ମୁଖ ରହିବାର ଇଚ୍ଛା ଦୁର୍ବଳ ହୋଇଯିବାରୁ କଳିଯୁଗରେ ବିଳାସଶୀଳ ପତିତ ଜୀବନ ଦୁର୍ବିସହ ହୋଇପଡ଼ିଛି । ଅତ୍ୟନ୍ତ ବିପର୍ଯ୍ୟସ୍ତ, ବିକାରଗ୍ରସ୍ତ ମାନବ ଜୀବନ ଏବେ ଆସୁରୀଗୁଣମାନଙ୍କର କବଳିତ ହୋଇପଡ଼ିଅଛି । ଦିବ୍ୟଗୁଣମାନଙ୍କର ଅନ୍ତ ଘଟିବାରେ ଧର୍ମର ବିଲୟ ଘଟିଅଛି । ବିଭିନ୍ନ ସମୟରେ ଶ୍ରେଷ୍ଠ ଏବଂ ମହାନ୍ ଆତ୍ମାମାନଙ୍କର ଆବିର୍ଭାବ ମୁଖ୍ୟତଃ ବୁଦ୍ଧ, ଯିଶୁ, ମହମ୍ମଦ ଏବଂ ଗୁରୁନାନକଙ୍କ ଭଳି ମହାତ୍ମାମାନେ ଯେଉଁ ଧର୍ମପଥମାନ ପ୍ରବର୍ତ୍ତନ କରି ଯାଇଅଛନ୍ତି ତାହାର ଅବକ୍ଷୟ ଘଟି ଧର୍ମପଥ ଏବେ ଅଧର୍ମର ଗନ୍ତାଘର ପାଲଟିଅଛି । ଜାତି/ଧର୍ମକୁ ନେଇ ଦାରୁଣ ଦ୍ୱନ୍ଦ୍ୱ ଜାତ ହୋଇ ମନୁଷ୍ୟ ସମାଜ ଏବେ ପ୍ରତିକ୍ରିୟାଶୀଳ, ନିର୍ମମ, ନିଷ୍ଠୁର, ବର୍ବର ଘାତକର ଭୂମିକାରେ ଅବତୀର୍ଣ୍ଣ । ଭକ୍ତିମାର୍ଗର ଏକାଧିକ ପଥର ଅନୁସରଣ, ଧର୍ମଭାବ ପରିବର୍ତ୍ତେ ଭେଦ ଭାବ ସୃଷ୍ଟି କରିଅଛି । ଅଜ୍ଞାନ ଅନ୍ଧକାର ଘୋଟିଯାଇ ସୃଷ୍ଟିକୁ ରୂପାନ୍ତରିତ କରିବାର ଧାରାରୁ ବିଚ୍ୟୁତ କରିଅଛି । ବିନାଶଶୀଳ ଶରୀର ପ୍ରଧାନ ବିଚାରକୁ ଆପଣାଇ ନେବାରେ ବିକାଶଶୀଳ ମନୁଷ୍ୟ ଧର୍ମ (ସ୍ୱଧର୍ମ) ଲୋପ ପାଇବାକୁ ଯାଉଛି । ଇତ୍ୟବସରରେ ସୃଷ୍ଟିକୁ ଧର୍ମଗ୍ଳାନୀର ଦୁସ୍ଥିତି ମଧ୍ୟରୁ ଉଦ୍ଧାର କରିବା ପାଇଁ ଶ୍ରୀମଦ୍ ଭଗବତ୍‌ବାଣୀ କ୍ରମରେ ...

"ଯଦାଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ
ଅଭ୍ୟୁତ୍‌ଥାନମ୍ ଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।
ପରିତ୍ରାଣାୟ ସାଧୁନଂ ବିନାଶାୟ ଚ଼ ଦୁଷ୍କୃତାମ୍
ଧର୍ମ ସଂସ୍ଥାପନାର୍ଥାୟ ସଂମ୍ଭବାମି ଯୁଗେ ଯୁଗେ ।"

ଗତ ୮ ଦଶନ୍ଧି ତଳୁ ୧୯୩୭ ମସିହାରୁ ଅବିଭକ୍ତ ଭାରତବର୍ଷର ସିନ୍ଧ୍ ପ୍ରଦେଶ (ବର୍ତ୍ତମାନର ପାକିସ୍ଥାନ ଅଧିକୃତ) ହାଇଦ୍ରାବାଦ୍‌ଠାରେ ଭଗବାନଙ୍କର ଧରାବତରଣ ପୁର୍ବକ ପତିତପାବନଙ୍କ ସଂଗମଯୁଗୀ ଲୀଳା ଆଗେଇ ଚାଲିଛି ।

''ଭଗବାନଙ୍କ ସତ୍ୟ ସମର୍ଥିତ ଚିରନ୍ତନ ପରିଚୟ'' ସହିତ ସୃଷ୍ଟିଚକ୍ରର ଚାରିଯୁଗରେ ବିଭିନ୍ନ ଲୀଳା (ଶାସ୍ତ୍ର ବର୍ଣ୍ଣିତ ଆଲେଖ୍ୟ) ମାଧ୍ୟମରେ ଅନୁସୂଚିତ ଆତ୍ମା, ଶ୍ରେଷ୍ଠ ଆତ୍ମା, ପାବନ/ପୂଣ୍ୟ ଆତ୍ମା ତଥା ଦେବାତ୍ମାମାନଙ୍କ ଦ୍ୱାରା ସମ୍ଭବ ହୋଇ ନପାରିବାରୁ ସ୍ୱୟଂ ପରମାତ୍ମା ତାଙ୍କ ପ୍ରିୟ ସନ୍ତାନମାନଙ୍କ ବ୍ୟାକୁଳ ଆହ୍ୱାନ କ୍ରମେ, ସ୍ୱତଃ ସେଇ ଧର୍ମାତ୍ମା ଦାଦା ଲେଖରାଜ (ଲୌକିକ ନାମଧାରୀ)ଙ୍କ ଶରୀରରେ ଆତ୍ମପ୍ରକାଶ କରି ପ୍ରିୟ ଆତ୍ମାମାନଙ୍କ ତମୋ ପ୍ରଧାନ୍ ସ୍ଥିତିରୁ ସତ୍ତୋପ୍ରଧାନ କରି ପାବନ୍ ଦୁନିଆଁକୁ ଫେରାଇ ନେବାର ଲୀଳା ଜାରି ରଖିଛନ୍ତି । ପ୍ରଜାପିତା ବ୍ରହ୍ମା (ଦାଦା ଲେଖରାଜ) ଅଲୌକିକ ଜୀବନ ଯାତ୍ରାର ପ୍ରାରମ୍ଭ ୧୯୩୭ ମସିହାରୁ ଆରମ୍ଭ ହୋଇ ନିରନ୍ତର ଜ୍ଞାନ ସେବା ପ୍ରଦାନ କରିବା ଅବକାଶରେ ୧୯୬୯ ମସିହା ଜାନୁଆରୀ ୧୮ ତାରିଖରୁ ଅବ୍ୟକ୍ତ ଅଟନ୍ତି । ରାଜସ୍ଥାନ ରାଜ୍ୟ, ମାଉଣ୍ଟଆବୁ ପାର୍ବତ୍ୟମାଳାର ପାଦଦେଶର ଶିଖରଠାରେ 'ମଧୁବନ' ନାମରେ ନାମିତ ତପୋଭୂମି, ଏକ ବିଶାଳ ଭୂଖଣ୍ଡର ଚାରିଟି କ୍ଷେତ୍ରରେ ପ୍ରାକୃତିକ ସୌନ୍ଦର୍ଯ୍ୟଭରା, ରମଣୀୟ ବାନପ୍ରସ୍ଥ ଆଶ୍ରମ ଭାବେ ଗଢ଼ି ଉଠିଛି । ଏହା ଏକ ଭୂସ୍ୱର୍ଗ (ସ୍ୱର୍ଗଭୂମିର ନମୁନା) ଭାବେ ଉପଲବ୍ଧ । ପାଠକ ଭ୍ରାତା ଏବଂ ଭଗ୍ନୀମାନଙ୍କୁ ସବିନୟ ଅନୁରୋଧ, ଆମର ଏ ପ୍ରକାର ଅଭିବ୍ୟକ୍ତିକୁ ନେଇ କାହାଣୀ ବା ପୁରାଣ ଶାସ୍ତ୍ରରେ ବର୍ଣ୍ଣିତ କପୋଳ

କଳ୍ପିତ ବର୍ଣ୍ଣନା ଭାବେ ଗ୍ରହଣ ନକରି, ପ୍ରତ୍ୟକ୍ଷ ଦ୍ରଷ୍ଟା ହେବାର ପରମ ସୌଭାଗ୍ୟପ୍ରାପ୍ତ ହେବାକୁ ଆନ୍ତରିକ ଅନୁରୋଧ । ଉପରୋକ୍ତ ଆଧ୍ୟାତ୍ମିକ ଅନୁଷ୍ଠାନ ପରମପିତା ପରମାତ୍ମାଙ୍କ ଅବ୍ୟକ୍ତ ତତ୍ତ୍ୱାବଧାନରେ ସାରା ବିଶ୍ୱରେ ''ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ'' ଭାବେ ସ୍ୱିକୃତି ପ୍ରାପ୍ତ ଅନନ୍ୟ ବିଶ୍ୱବିଦ୍ୟାଳୟର ମାନ୍ୟତା ଲାଭ କରିବା ସଙ୍ଗେ ସଙ୍ଗେ, ନିରବଚ୍ଛିନ୍ନ ଦିବ୍ୟଦୃଷ୍ଟି ଏବଂ ଦିବ୍ୟକରୁଣାର ଆଭୂଷଣରେ ଭୂଷିତ ଆତ୍ମାମାନଙ୍କର ମହାସମାବେଶ ଭାବେ ଗଢ଼ି ଉଠିଛି । ଏହି ବିଶ୍ୱବିଦ୍ୟାଳୟର ସୀମାହୀନ ପାଠ୍ୟକ୍ରମ ''ସୁଖ ଶାନ୍ତି ଭରା ଜୀବନ ଶୈଳୀ'' ଉପରେ ଆଧାରିତ । ଦୁଃଖହର୍ତ୍ତା, ସୁଖକର୍ତ୍ତା ଦୟାର ସାଗର ଭଗବାନଙ୍କ ସାନ୍ନିଧ୍ୟ ନିରନ୍ତର ଲାଭ କରିବାର ଅବକାଶ ଯେ ଆଦୌ ଅସମ୍ଭବ ନୁହେଁ, ଏହାହିଁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜ୍ଞାନଦୀପ୍ତ ଉପାଧି । ସହଜ ରାଜଯୋଗ ଶିକ୍ଷା ମାଧ୍ୟମରେ ମାନବତ୍ୱରୁ ଦେବତ୍ୱ ପ୍ରାପ୍ତିର ଅପୂର୍ବ, ପ୍ରତ୍ୟକ୍ଷତା ଭରା ପ୍ରଭୁ ପାଳନାର ପ୍ରାଣବନ୍ତ ଉପଲବ୍ଧି, ମନ ଏବଂ ପ୍ରାଣରେ ଆବେଗ ଏବଂ ଉତ୍ସାହ ଭରିଦେବ ।

**ସ୍ୱ ଉପଲବ୍ଧିରୁ ପଦେ :**

ସେଦିନ ଥିଲା ୨୦୧୧ ମସିହା ଶିବଜୟନ୍ତୀ, ନିକଟସ୍ଥ ବିନାୟକ ନଗର, କଟକଠାରେ ନିର୍ମାଣାଧୀନ ସେବାକେନ୍ଦ୍ରର ଦ୍ୱିତୀୟ ମହାଲାର ଏକ ବିରାଟକକ୍ଷରେ ଆୟୋଜିତ ସ୍ୱତନ୍ତ୍ର ଆଧ୍ୟାତ୍ମିକ ଅନୁଷ୍ଠାନକୁ ଆମକୁ ନିମନ୍ତ୍ରଣ କରାଯାଇଥିଲା । ଆମେ ଯଥା ସମୟରେ ଉପସ୍ଥିତ ରହି ଉତ୍ସବର ଚମକପ୍ରଦ ହୃଦୟସ୍ପର୍ଶୀ କାର୍ଯ୍ୟକ୍ରମ ସହିତ ପରବର୍ତ୍ତୀ ନିର୍ଦ୍ଧାରିତ କାର୍ଯ୍ୟକ୍ରମମାନଙ୍କର ନିଖୁଣ ସମ୍ପାଦନ ଆମକୁ ଚମତ୍କୃତ କରିଥିଲା । ସଭାଗୃହର ସାଜସଜ୍ଜା, ମଞ୍ଚମଣ୍ଡନ କରୁଥିବା ପ୍ରଜାପିତା ବ୍ରହ୍ମାଙ୍କର ବିଶାଳ ଚିତ୍ରପଟ ସହ ପରମାତ୍ମାଙ୍କ ନିରାକାର ପ୍ରକାଶମୟ ଜ୍ୟୋର୍ତିବିନ୍ଦୁ ମନରେ ଅପୂର୍ବ ଆବେଗ ସୃଷ୍ଟି କରୁଥିଲା । ମଞ୍ଚାସୀନ ଅତିଥିମାନଙ୍କ ଗହଣରେ ଅନୁଷ୍ଠାନରେ ଅଧ୍ୟକ୍ଷତା କରୁଥିବା ସେବାଶ୍ରମର ପ୍ରଭାରୀ ରାଜଯୋଗିନୀ ଭଗ୍ନୀ କୁଳଦୀପଜୀଙ୍କ ସଂକ୍ଷିପ୍ତ ଅଭିବ୍ୟକ୍ତି ଥିଲା ସରଳ ହିନ୍ଦୀ ଭାଷାରେ ଶିବଜୟନ୍ତୀର ତାତ୍ପର୍ଯ୍ୟ ଏବଂ ତତ୍‌ସହିତ ''ପରମପିତା ପରମାତ୍ମା ନିରାକାର ସଦାଶିବ''ଙ୍କ ଧରାପୃଷ୍ଠରେ ପ୍ରଜାପିତା ବ୍ରହ୍ମାଙ୍କ ଶରୀରରେ ଅବତରଣର ତାତ୍ତ୍ୱିକ ବିଶ୍ଳେଷଣ ଉପସ୍ଥାପନ କରିଥିଲେ । ଯେଉଁ ମର୍ମବାଣୀ ସଭାସଦ୍‌ମାନଙ୍କ ସହିତ ଆମର ହୃଦୟକୁ ସ୍ପର୍ଶ କରିଥିଲା । ପରମାତ୍ମାଙ୍କ ପରିଚୟର ଯଥାର୍ଥତା ଆମର ଆତ୍ମପ୍ରତ୍ୟୟ ଲାଭ କରିଥିଲା । ମୂହୁର୍ତ୍ତଟି ମୋ ପାଇଁ ଏକାନ୍ତଭାବେ ଶୁଭମୁହୂର୍ତ୍ତ ଥିଲା । ଅତୀତରେ ଭକ୍ତିଭାବରେ ଆପ୍ଳୁତ, ମନ ଏବଂ ପ୍ରାଣ ଭାବପ୍ରବଣତା ପରିବର୍ତ୍ତେ ଏକନିଷ୍ଠ ସଂକଳ୍ପର ବଶିଭୂତ ହେବାକୁ ଲାଗିଲା । ସର୍ବୋପରି ସେ ସମୟରେ ଆଶ୍ରମର ଅନ୍ୟାନ୍ୟ ଭ୍ରାତା ଏବଂ ଭଗ୍ନୀମାନଙ୍କଠାରୁ ଆଶ୍ରମ ଗଠନ ଏବଂ କ୍ରୟମୂଲ୍ୟ, ଅଲୌକିକ ପ୍ରକ୍ରିୟା ସମ୍ବଳିତ ଘଟଣାବଳୀ ସମ୍ପର୍କରେ ଯେତିକି ସୂଚନା ପାଇଥିଲି ତାହା ଅସାଧାରଣ ବୋଧହେଲା । ମନୁଷ୍ୟ ଭିତରେ ନିଷ୍ଠା, ପବିତ୍ରତା ଏବଂ ତ୍ୟାଗ ସଂଗଠିତ ହେବାରେ ଐଶୀ ଶକ୍ତି ଗ୍ରହଣର ଅବକାଶ ଆଣିଦିଏ ଏବଂ ଯାହା ବଳରେ ଶୁଦ୍ଧ ଶ୍ରେଷ୍ଠ ସଂକଳ୍ପଗୁଡ଼ିକ ସୁରୁଖୁରୁରେ ସମ୍ପାଦିତ ହୋଇପାରେ । ଏହା ଥିଲା ମୋ ପାଇଁ ସେ ସମୟର ନିର୍ଯ୍ୟାସ । ଯାହାକୁ ଧାରଣ କରି ଆଜିକୁ ଦୀର୍ଘ ଛରିବର୍ଷ ହେବ, ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଛାତ୍ରଭାବେ ଯଥାରୀତି ଯୋଗଦାନ କରି ଈଶ୍ୱରୀୟ ପାଳନାର ଅଗଣିତ ଅପୂର୍ବ ଉପଲବ୍ଧି ଅବିରତ ଅନୁଭବ କରି ଆସୁଅଛି । ତନ୍ମଧ୍ୟରୁ ସାମାନ୍ୟ କେତେ ଗୋଟି ପାଠକ ଭ୍ରାତା ଏବଂ ଭଗ୍ନୀମାନଙ୍କ ନିକଟରେ ଦୃଷ୍ଟାନ୍ତ ଭାବେ ଉପସ୍ଥାପନ କରି ମୋର ଈଶ୍ୱରୀୟ ସେବାରେ ସହଯୋଗୀତା କରିବାର ଅଭିପ୍ରାୟ ରଖୁଅଛି ।

**ପ୍ରଥମ –** ବୃତ୍ତିରେ ସିଭିଲ ଇଂଜିନିୟର ଭାବେ ଓଡ଼ିଶା ସରକାରଙ୍କ ଜଳସମ୍ପଦ ବିଭାଗରୁ ୧୯୯୮ ମସିହାରେ ଅବସର ନେବାର ଅବ୍ୟବହିତ ପୂର୍ବରୁ ୧୯୯୭ ନଭେମ୍ବର ମାସରେ ପୂର୍ବ ବ୍ୟବସ୍ଥିତ ଅନ୍ତର୍ଦେଶ ଭ୍ରମଣର ଯାତ୍ରା ଜନିତ ଶୁଳ୍କର ଭରଣା ସରକାର ବହନ କରିବାର ସୁଯୋଗକୁ ଗ୍ରହଣ କରି ଆମେ ସପରିବାର ବିଭିନ୍ନ ଦର୍ଶନୀୟ ସ୍ଥାନ ସହିତ 'ମଧୁବନ' ମାଉଣ୍ଟ ଆବୁ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପାଣ୍ଡବ ଭବନଠାରେ ୩ଦିନ ରହଣି କାଳରେ ଯେଉଁ ଅହେତୁକ ଅନୁଭବ ଲାଭ କରିଥିଲୁ, ତାହାଥିଲା ଆଜିଦିନ ପାଇଁ ଏକ ଉନ୍ମାଦଭରା ଜୀବନ ଯାତ୍ରାର ଅବକାଶ ।

**ଦ୍ୱିତୀୟ –** ବହୁବିଳମ୍ବ (ଆମପାଇଁ) ରେ ହେଉ ବା ସୃଷ୍ଟିଚକ୍ରର ନାଟକୀୟ ବ୍ୟବସ୍ଥାର ଅଙ୍ଗନକ ଏକ ଯୁବକପୁତ୍ର ବିୟୋଗ ରେ ଜନ୍ମସ୍ଥାନ ଦୁର୍ଗାପୁର, ସାଲେପୁର ପ୍ରିୟ ପିତୃସ୍ଥାନ ଛାଡ଼ି ଯଥା ସମୟରେ ହେଉ କଟକ ମହାନଗରର ଉପନଗର ଭାବେ ପରିଗଣିତ ମହାନଦୀବିହାରଠାରେ ୧୯୮୮ ମସିହାରୁ ବସବାସ କରୁଅଛୁ । ବିଭିନ୍ନ ସମୟରେ ଲୌକିକ ଜନ୍ମ ସଂସ୍କାରର ବଶବର୍ତ୍ତୀ ହୋଇ ଭକ୍ତି ପଥରେ ଭିନ୍ନ ଭିନ୍ନ ମାର୍ଗ ଯଥା ଶ୍ରୀଚୈତନ୍ୟ ଦେବଙ୍କ ବୈଷ୍ଣବ ଦିକ୍ଷୀତ, ଶ୍ରୀମା ଶ୍ରୀ ଅରବିନ୍ଦ ଦର୍ଶନ, ସତ୍ୟ ସାଇବାବାଙ୍କ ପଦାଙ୍କ ଅନୁସରଣ, ଶିରିଡ଼ି ସାଇ ବାବାଙ୍କ ଜୀବନାଦର୍ଶ ପ୍ରତି ଆକୃଷ୍ଟ ରହି କିଛି କିଛି ସମୟ ବିତାଇବା ପରେ ୨୦୦୬ ମସିହାରୁ ପୂର୍ଣ୍ଣ ଅବସର ଗ୍ରହଣ କରି, ମହାନଦୀବିହାରସ୍ଥିତି ମଠ, ମନ୍ଦିରମାନଙ୍କରେ ନିୟମିତ ଭଜନ,

କୀର୍ତ୍ତନ ଆଦିରେ ଯୋଗ ଦେଉଥିଲୁ । ଲୌକିକ ଜୀବନର ଅତ୍ୟନ୍ତ ଦୁଃଖଭରା ଘଟଣାମାନଙ୍କ ପରିତାପରୁ ମନକୁ ମୁକ୍ତ ରଖିବାପାଇଁ ପ୍ରଭୁ କୃପା କରି ଅଧ୍ୟାତ୍ମ ଚେତନାରୁ ବଞ୍ଚିତ କରିନାହାଁନ୍ତି । ଦରଦୀ ହେବା, ସେବା ଏବଂ ସ୍ନେହପୂର୍ଣ୍ଣ ସମ୍ପର୍କ ରଖିବାରେ ଅପାର ଆନନ୍ଦ ମିଳୁଥିଲା । ସାମାଜିକ ଜୀବନ ସବୁବେଳେ ସବୁଠାରୁ ବେଶୀ ପ୍ରିୟ ଅଟେ । ଏଇ ଜନ୍ମର ଅନ୍ତିମ ପର୍ଯ୍ୟାୟରେ ଜ୍ଞାନ ସାଗର ପରମପିତା ପରମାତ୍ମାଙ୍କର ସସ୍ନେହ ଆଶୀଷ ଲାଭ କରିବା ଆମ ପାଇଁ ପରମ ସୌଭାଗ୍ୟ ବୋଧ ହେଲା । ସର୍ବ କନିଷ୍ଠ ଛାତ୍ର ଭାବେ ପ୍ରବେଶିକା ୭ ଦିନର କୋର୍ସ ନେଲା ପରେ ଆଦରଣୀୟ ଭଗ୍ନୀ ବ୍ର. କୁମାରୀ କୁଳଦୀପଜୀ ମୋର ନୂତନ ନାମକରଣ କରିଥିଲେ ''ଗୌରାଙ୍ଗ ଭାଇ'' । ମମତାଭରା ଈଶ୍ୱରୀୟ ପରିବାରରେ ଯୋଗ ଦେବା ଠାରୁ ମୋର ଏକ ୬୦ ବର୍ଷର ପୁରୁଣା ମନ୍ଦ ଅଭ୍ୟାସ 'ଧୂମ୍ରପାନ' ଚିରଦିନ ପାଇଁ ବିଦାୟ ନେଇଅଛି । ତା ପରଠାରୁ ଈଶ୍ୱରୀୟ କରୁଣା ପ୍ରାପ୍ତିର ଅନନ୍ୟ ଉପଲବ୍ଧିମାନ ମୋତେ ଉତ୍ସାହିତ କରିଅଛି ।

**ତୃତୀୟ –** ପ୍ରତ୍ୟହ ମୁରଲୀ କ୍ଲାସରେ ୧ ୧/୨ ଘଣ୍ଟା ଆଶ୍ରମର ବିଧିବ୍ୟବସ୍ଥା ଅନୁଯାୟୀ ସକାଳ ୬.୩୦ ଠାରୁ ପୂର୍ବାହ୍ନ ୮ ଘଟିକା ପର୍ଯ୍ୟନ୍ତ ଗତ ୪ ବର୍ଷ ଧରି ଉପସ୍ଥିତ ରହି ଆସୁଅଛି । ଅପରିହାର୍ଯ୍ୟ କାରଣ ବଶତଃ ଭିନ୍ନ ଭିନ୍ନ ସମୟରେ ୧୬ ରୁ ୨୦ ଦିନ ଅନୁପସ୍ଥିତ ରହିଛି । ବିଦ୍ୟାଶିକ୍ଷା ବେଳର ଶିକ୍ଷାଗୁରୁଙ୍କ ଶାସନ ନଥିଲା କିନ୍ତୁ ସ୍ୱୟଂ ଭଗବାନଙ୍କ ନିମିତ୍ତ ବନି, ଶିକ୍ଷିକା ଭଉଣୀମାନଙ୍କର ଜ୍ଞାନ ସେବାକୁ ଏଡ଼ି ଯିବା ପରିବର୍ତ୍ତେ, ସମୟାନୁବର୍ତ୍ତୀ ହେବା ଏବଂ ଶୃଙ୍ଖଳିତ ଭାବେ ଈଶ୍ୱରୀୟ ଜ୍ଞାନ ପ୍ରତ୍ୟହ ଶ୍ରବଣ କରି ଧାରଣ କରିବା ଥିଲା ଏକକ ଆକର୍ଷଣ । ଅଦ୍ୟାବଧି ଅନ୍ୟୁନ ୩୬୫ × ୩ = ୧୦୯୫ ବା ୧୧୦୦ ବ୍ରାହ୍ମ ମୁହୂର୍ତ୍ତ ମୋ ପାଇଁ ଆସିଛି ପ୍ରତ୍ୟହ ରାତ୍ର ୩.୪୫ ମିନିଟ୍‌ରେ ପରମପିତାଙ୍କ ସଦୟ ଶ୍ରଦ୍ଧାସ୍ୱତଃ ଲାଭ କରିବାର ସୌଭାଗ୍ୟ ବଶତଃ, ବ୍ରାହ୍ମମୁହୂର୍ତ୍ତରୁ ଜାଗ୍ରତ ହାଇ ଯୋଗଯୁକ୍ତ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଅଛୁ ।

**ଚତୁର୍ଥ –** ଜ୍ଞାନସାଗର ପରମାତ୍ମା ମିଠେ ବନେ ! ସିକଲଧେ ବଚେ ଭଳି ବାତ୍ସଲ୍ୟ ମମତାଭରା ସମ୍ବୋଧନ କ୍ରମେ, ପ୍ରତ୍ୟହ ମୁରଲୀପାଠରେ ସାରକଥା, ବରଦାନ ଏବଂ ସ୍ଲୋଗାନ୍ ଆକାରରେ ଅମୃତମୟ ବାଣୀ ମାଧ୍ୟମରେ ଧାରଣ କରିବାପାଇଁ ଏବଂ ଆଚରଣରେ ଆଣିବା ପାଇଁ ନିୟମିତ ପରାମର୍ଶ ଦେଇ ଆସୁଛନ୍ତି । ସ୍ୱୟଂ ଭଗବାନ ନିରାକାର ସଦାଶିବ ତିନିଗୋଟି ପ୍ରମୁଖ ଭୂମିକା ନିର୍ବାହ କରି ପ୍ରିୟ ସନ୍ତାନ, 'ଆତ୍ମା' ମାନଙ୍କୁ ମନୁଷ୍ୟରୁ ଦେବତା ବନେଇବାର ଧାରାବାହିକ ବ୍ୟବସ୍ଥା ରଖିଛନ୍ତି । ''ଭଗବାନ ନିରାକାର ସଦାଶିବ'' ପରମପିତା ଭାବେ, ଶିକ୍ଷକଭାବେ ଏବଂ ସଦ୍‌ଗୁରୁ ଭାବେ, ପ୍ରତ୍ୟହ ଆତ୍ମମାନଙ୍କୁ ଦିବ୍ୟଦୃଷ୍ଟିରେ ଆବଦ୍ଧ ରଖିଛନ୍ତି । ପରମପ୍ରିୟ ଶିବ ପିତା ଆମକୁ ତାଙ୍କର ଉତ୍ତରାଧୀକାରୀ ଭାବେ ତାଙ୍କ ପ୍ରଦତ୍ତ ତନ, ମନ ଏବଂ ଧନ ମାଧ୍ୟମରେ ସେବା ଯୋଗାଇ ଦେବାର ସୁଯୋଗ ପ୍ରଦାନ କରି କୃତଜ୍ଞ କରିଅଛନ୍ତି ।

**ପଞ୍ଚମ –** ବିବିଧ ସେବା କାର୍ଯ୍ୟମାନଙ୍କରେ ନିରନ୍ତର ନିଯୁକ୍ତ ସେବାକେନ୍ଦ୍ରମାନଙ୍କର ଅନ୍ତେବାସୀ ବ୍ରହ୍ମାକୁମାର ଭାଇ ଏବଂ ଭଉଣୀମାନଙ୍କର ତ୍ୟାଗପୂତ ପବିତ୍ର ଜୀବନ ଆଦର୍ଶରେ ଅନୁପ୍ରାଣୀତ ହୋଇ, ଗ୍ରାମାଞ୍ଚଳରେ ପରିଚାଳିତ ଗୀତାପାଠଶାଳା ଏବଂ ଉପସେବାକେନ୍ଦ୍ରମାନଙ୍କ ସହିତ ନିୟମିତ ସମ୍ପର୍କ ରଖିବାର ସଂକଳ୍ପକୁ କାର୍ଯ୍ୟକାରୀ କରିବାରେ ପରମପିତା ପରମାତ୍ମାଙ୍କର ପାଳନାର ଅପୂର୍ବ ଅନୁଭୂତି ବାରମ୍ବାର ମିଳୁଅଛି । ଆମେ ବିଦ୍ୟାଶିକ୍ଷା ଲାଭ କରିଥିବା ଉଚ୍ଚ ବିଦ୍ୟାଳୟ ବିବେକାନନ୍ଦ ବିଦ୍ୟାପୀଠରେ ୧୯୫୦ ମସିହାରୁ ୧୯୫୫ ମସିହା ପର୍ଯ୍ୟନ୍ତ ଛାତ୍ର ଥିଲୁ । ବହୁଗ୍ରାମଠାରେ ବିବେକାନନ୍ଦ ବିଦ୍ୟାପୀଠର ପୁରାତନ ଛାତ୍ର ସଂଘ ୧୯୯୪ ମସିହାରେ ଗଢ଼ାଯାଇ ଦେବପ୍ରତିମ ଗୁରୁ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ଭାସ୍କର ଚନ୍ଦ୍ର ଦାଶଙ୍କର ତଥା ବରିଷ୍ଠ ଶିକ୍ଷକ ସ୍ୱର୍ଗତଃ ଈନ୍ଦ୍ରମଣୀ ପାଣିଗ୍ରାହୀ ମହୋଦୟଙ୍କ ଉଚ୍ଛ୍ୱସିତ ସୁବର୍ଣ୍ଣଜୟନ୍ତୀ ମହୋତ୍ସବ ମହାସମାରୋହରେ ପାଳିତ ହୋଇଥିଲା । ତତ୍‌ପରେ ପରେ ପୁରାତନ ଛାତ୍ର ସଂଘ ବିଦ୍ୟାପୀଠର ସୀମା ସଂଲଗ୍ନ ବେସରକାରୀ ଜମି କ୍ରୟ କରି ସେଠାରେ ଏକ ମନୋରମ ପକ୍କା କୁଟୀର ଗଠନ କରାଯାଇ 'ସେବା ପ୍ରତିଷ୍ଠାନ' ଭାବେ ନାମିତ ହୋଇଥିଲା । ଉକ୍ତ କୁଟୀର ଥିଲା ପୁରାତନ ଛାତ୍ରଛାତ୍ରୀମାନଙ୍କ ମିଳନି ମଣ୍ଡପ । ପରବର୍ତ୍ତୀ ସମୟରେ ଏକ ପାଠାଗାର ''ସ୍ୱାମୀଜୀ ପାଠାଗାର'' ଜନ୍ମଲାଭ କଲା ସେବା ପ୍ରତିଷ୍ଠାନ ପରିସରରେ । ପ୍ରିୟ ଛାତ୍ରଛାତ୍ରୀମାନଙ୍କ ଅଗାଧ ଶ୍ରଦ୍ଧା ଏବଂ ଗୁରୁକୃପାରୁ ସୃଷ୍ଟି ''ସେବା ପ୍ରତିଷ୍ଠାନ'' ଆମର ଅତି ପ୍ରିୟ ଅନୁଷ୍ଠାନ ଭାବେ ସେ ଅଞ୍ଚଳର ଏକ ସାଂସ୍କୃତିକ ଅନୁଷ୍ଠାନ ଭାବେ ପରିଚିତ ଲାଭ କରି, ଜନମାନସକୁ ସ୍ପର୍ଶ କଲା । ସେଠାରେ ନିୟମିତ ସେବା କାର୍ଯ୍ୟର ପରିକଳ୍ପନାମାନ ପ୍ରମୁଖ ସଭ୍ୟମାନଙ୍କର ସ୍ୱିକୃତି ଲାଭ କରି ଅଗ୍ରସର ହେଲା । ପରବର୍ତ୍ତୀ ସମୟରେ ବିଦ୍ୟାପୀଠର ହୀରକ ଜୟନ୍ତୀ ୨୦୦୪ ମସିହାରେ ତତ୍‌କାଳୀନ ସଭାପତି ଶ୍ରୀଯୁକ୍ତ ରଘୁନାଥ ସିଂହ, ସମ୍ପାଦକ ଶ୍ରୀମନ୍ ଅଜୟ କୁମାର କୁମାର ସିଂହ ତଥା ବହୁ ବଦାନ୍ୟ ସଦସ୍ୟମାନଙ୍କ ସହଯୋଗକ୍ରମେ ମହାସମାରୋହରେ ଅନୁଷ୍ଠିତ ହୋଇ ଏକ ନୂତନ ପରିଯୋଜନା ଭାବେ ଅଧିକୃତ ଜମିର ସଂଲଗ୍ନ ଅଧିକ ଜମି ମିଶାଯାଇ ଏକ ଉଚ୍ଚମାନର ସଭାଗୃହ ''ସେବା ମଣ୍ଡପ'' ସଭାପତି ଶ୍ରୀଯୁକ୍ତ ସିଂହଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଠିତ ହେଲା ଏବଂ ସେଠାରେ

ସ୍ଥାନୀୟ ସାଂସ୍କୃତିକ କାର୍ଯ୍ୟକ୍ରମମାନ ସୁରୁଖୁରୁରେ ଅନୁଷ୍ଠିତ ହେବାରେ ଲାଗିଛି ।

ଇତ୍ୟବସରରେ ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜଗତପୁର ସେବାକେନ୍ଦ୍ରର ମୁଖ୍ୟ ପରିଚାଳିକା ବ୍ର.କୁ. ଗୀତାଞ୍ଜଳୀ ଭଉଣୀ ଏବଂ ଆଞ୍ଚଳିକ ପ୍ରଭାରୀ ବ୍ର.କୁ. ଅମୂଲ୍ୟ ଭାଇଙ୍କ ପ୍ରେରଣାକୁ ରୂପ ଦେବାକୁ ସ୍ଥିର ହେଲା । ଅତୀତରେ ବହୁଗ୍ରାମ ଠାରେ ଥିବା ପୁରାତନ ଗୀତା ପାଠଶାଳାର ପୁନଃରୁଦ୍ଧାର କରିବାର ପ୍ରଚେଷ୍ଟା ଫଳବତି ହେଲା । ଉପରୋକ୍ତ ଲକ୍ଷ ଅଚାନକ ଭଗବତ୍ କୃପା ଲାଭ କରି ପୁର୍ବୋକ୍ତ ''ସେବା ପ୍ରତିଷ୍ଠାନ'' କୁଟୀର ସଂଲଗ୍ନ ସଭାଗୃହ ''ସେବା ମଣ୍ଡପ'' ଠାରେ ଏକ ମିଳନୀ ବୈଠକ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଜଗତ୍ପୁର ସେବାକେନ୍ଦ୍ର ଆନୁକୂଲ୍ୟରେ ଅନୁଷ୍ଠିତ ହୋଇ, ପରବର୍ତ୍ତୀ ପାଠ୍ୟକ୍ରମ ଧାରା ଅନୁଯାୟୀ ତିନି ସପ୍ତାହ ବ୍ୟାପୀ ପ୍ରତ୍ୟହ ସଂନ୍ଧ୍ୟାରେ ସ୍ଥାନୀୟ ସୌଭାଗ୍ୟବାନ୍ ଆତ୍ମାମାନଙ୍କ ଗହଣରେ ସୁଚାରରୂପେ ସମ୍ପାଦିତ ହୋଇ ଯାଇଅଛି ।

''ସେବା ପ୍ରତିଷ୍ଠାନ''ଠାରେ ନିୟମିତ ସେବାକାର୍ଯ୍ୟ ସମ୍ପାଦିତ ହେବାର ସ୍ୱପ୍ନ ସାର୍ଥକ ଏଭଳି ଭାବରେ ହେଲା ଯାହା ଆମମାନଙ୍କ ପାଇଁ ଏକ ଈଶ୍ୱରୀୟ ପାଳନାର ଅପୂର୍ବ ଅନୁଭବ ଥିଲା । ଉପରୋକ୍ତ କାର୍ଯ୍ୟକ୍ରମରେ ସହଭାଗିତା ଏବଂ ସହଯୋଗିତା ପାଇଁ ଆମେ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ଜଗତପୁର ସେବାକେନ୍ଦ୍ର ତରଫରୁ ଭ୍ରାତା କମ୍ରେଡ୍ ବସନ୍ତ କୁମାର ଦାଶ, ପୁରାତନ ଛାତ୍ର ସଂଘର ସଭାପତି ଶ୍ରୀଯୁକ୍ତ ରଘୁନାଥ ସିଂହ, ସାଧାରଣ ସମ୍ପାଦକ ଶ୍ରୀ ଅଜୟ କୁମାର ସିଂହ, କୋଷାଧକ୍ଷ ଶ୍ରୀ ପରମାନନ୍ଦ ସ୍ୱାଇଁ, କାର୍ଯ୍ୟନିର୍ବାହୀ ସଭାପତି ପ୍ରଫେସର ଡ଼ାଃ ପୂର୍ଣ୍ଣଚନ୍ଦ୍ର ଓଝା, ଭ୍ରାତା ଶ୍ରୀ ଗୋପବନ୍ଧୁ ମହାନ୍ତି, ଶ୍ରୀ ପରମାନନ୍ଦ ମୁଦୁଲୀ, ଶ୍ରୀ ଶିବରାମ ସେଠୀ, ଶ୍ରୀ ଶିବ ନାରାୟଣ ଦାସ, ଶ୍ରୀ ରବିନ୍ଦ୍ରନାଥ ପରିଡ଼ା, ଶ୍ରୀ ପରିକ୍ଷୀତ ସାହୁ, ଶ୍ରୀ ମନ୍ତ୍ର ଘୋଷଶ୍ରୀ ସନାତନ ସାହୁ, ଶ୍ରୀମତୀ ଲକ୍ଷ୍ମୀପ୍ରିୟା ପତି ମହୋଦୟାଙ୍କୁ ଈଶ୍ୱରୀୟ ଶୁଭକାମନା ଜଣାଉଅଛି । ଅଧର କୁମାର (ଅବସର ପ୍ରାପ୍ତ ସରକାରୀ ମହାବିଦ୍ୟାଳୟ ଅଧକ୍ଷ) ଦେବରାଜ ଭାଇ, ବହୁଗ୍ରାମ ପାଠଶାଳା ପରିଚାଳନାର ମୁଖ୍ୟ ଭୂମିକା ନିର୍ବାହ କରିଅଛନ୍ତି ।

ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଆପଣମାନଙ୍କୁ ଈଶ୍ୱରୀୟ ସ୍ୱାଗତ ଜଣାଇବା ସହିତ, ନିବେଦନ କରୁଅଛୁ, ସୁସ୍ଥ, ସୁନ୍ଦର, ଚିନ୍ତାମୁକ୍ତ ଜୀବନଯାପନ ନିମିତ୍ତ ଅନନ୍ୟ ବିଶ୍ୱସ୍ତରୀୟ ଆଧାତ୍ମିକ ଅନୁଷ୍ଠାନ ମାଧ୍ୟମରେ ନିଶୁଳ୍କ ସହଜ ରାଜଯୋଗ ଶିକ୍ଷା ଅବିଳମ୍ୱେ ଗ୍ରହଣ କରି ଈଶ୍ୱରୀୟ ପାଳନାର ପରମ ଆନନ୍ଦ ପ୍ରାପ୍ତ ହୁଅନ୍ତୁ । ଏକ ଈଶ୍ୱର ଏକ ବିଶ୍ୱ ଏକ ପରିବାର ଭଳି ଏକ ମୂଲ୍ୟବୋଧ ଜୀବନଶୈଳୀର ଅବଲମ୍ୱନ, ଆମକୁ ଅତୀତରେ ଏକ ଶାନ୍ତ, ସୁନ୍ଦର ବିଶ୍ୱର ପରିକଳ୍ପନାକୁ ସାର୍ଥକ କରିବାରେ ସହାୟତା କରିବାରେ ସହାୟତା କରିବ । ଆଉ ଆଦୌ ବିଳମ୍ୱ ନକରି, ଈଶ୍ୱର ପାଳନ ନିୟମିତ ଗ୍ରହଣ କରି ନିଜ ଜୀବନକୁ ସୁଖପ୍ରଦ କରିବା ସଙ୍ଗେ ସଙ୍ଗେ, ସୁସ୍ଥ, ସୁନ୍ଦର, ସମାଜ ଗଠନ ପ୍ରକ୍ରିୟାରେ ସହଯୋଗ କରିବା ।

**ପଞ୍ଚବିକାର –** କାମ, କ୍ରୋଧ, ଲୋଭ, ମୋହ ଏବଂ ଅହଂକାର ମୁକ୍ତ, ସ୍ୱଚ୍ଛ, ପବିତ୍ର, ଜୀବନଚର୍ଯ୍ୟା ହିଁ ମୁକ୍ତିପଥର ପଥିକ ହେବାପାଇଁ ଉପଯୁକ୍ତ ଧାରା – ସନ୍ୟାସ ନୁହେଁ ।

**ଓଁ ଶାନ୍ତି**

*ମହାନଦୀ ବିହାର, କଟକ*

*ମୋ.: ୯୮୬୧୪୨୮୭୯୮*

# ମାନବ କଲ୍ୟାଣରେ ଅଧ୍ୟାତ୍ମର ଭୂମିକା

– ଶ୍ରୀ ବିଚିତ୍ରାନନ୍ଦ ମିଶ୍ର

ଅତୀତରେ ଆର୍ଯ୍ୟଭୂମୀ ଭାରତବର୍ଷରେ ଭାରତୀୟମାନଙ୍କ ଭାବନା, ବିଚାର, କ୍ରିୟାରେ ଆଦର୍ଶବାଦ ଓ ଅଧ୍ୟାତ୍ମ ମୁଖ୍ୟସ୍ଥାନ ଅଧିକାର କରିଥିଲା । ବେଦରେ ସେମାନଙ୍କୁ ଅମୃତସ୍ୟ ପୁତ୍ରାଃ ଭାବରେ ସମ୍ବୋଧନ କରାଯାଉଥିଲା । ଏହି ଆଦର୍ଶବାଦ ଆଧ୍ୟାତ୍ମିକ ଚିନ୍ତାଧାରା ସେମାନେ ମୁନିଋଷିମାନଙ୍କ ପ୍ରଦତ୍ତ ଗବେଷଣା ଲବ୍ଧ ବେଦସମୂହ, ଶ୍ରୀ ଭଗବତ୍‌ଗୀତା, ସକଳ ଉପନିଷଦ, ବ୍ରହ୍ମସୂତ୍ର, ତତ୍ତ୍ୱବୋଧ, ଆତ୍ମବୋଧ, ଯୋଗତତ୍ତ୍ୱ ଆଦି ଗୁଢ଼ ତତ୍ତ୍ୱମୂଳକ ଶାସ୍ତ୍ରମାନଙ୍କଠାରୁ ପାଇଥିଲେ ଓ ଏହି ଆଧ୍ୟାତ୍ମିକ ବିଚାରଧାରାକୁ ଗ୍ରହଣ କରି ଆଦର୍ଶ ବ୍ୟକ୍ତିତ୍ୱରେ ରୂପାନ୍ତରିତ ହେଉଥିଲେ । ଉତ୍ତମ କର୍ମ ଦ୍ୱାରା ଉତ୍ତମ ଘଟ ଲାଭ ହୁଏ ଓ ଉତ୍ତମ ଲୋକ (ସ୍ୱର୍ଗଲୋକ, ଗନ୍ଧର୍ବଲୋକ) ଲାଭ ହୁଏ ଏବଂ ଅଧମ ନୀଚ କର୍ମ ଦ୍ୱାରା ଅଧମ ଶରୀର, ଅଧମଲୋକ (ନରକାଦି ଲୋକ) ଲାଭ ହୁଏ – ଏହି ମର୍ମକୁ ଠିକ୍‌ଭାବେ ବିଚାରକରି ଆଦର୍ଶ ଚରିତ୍ର, ସଦାଚାର ଜୀବନକୁ ଆପଣେଇବାକୁ ଚେଷ୍ଟିତ ଥିଲେ । ଅଧ୍ୟାତ୍ମର ସମଗ୍ର କଳେବର ଗୋଟିଏ ମୁଖ୍ୟ ଉଦ୍ଦେଶ୍ୟ ପୂରଣ ନିମିତ୍ତ ଗଢ଼ାଯାଇଛି ତାହା ହେଉଛି ମନୁଷ୍ୟ ଆନ୍ତରିକ ଦୃଷ୍ଟିରୁ ନିଜର ଭାବନାତ୍ମକ ସ୍ତରରେ ନିଜର ଉତ୍‌କୃଷ୍ଟତାକୁ ସୁରକ୍ଷିତ ରଖିବ ଏବଂ ତାହାକୁ ବଳିଷ୍ଠ କରିବାରେ ସମର୍ଥ ହେବ । ଏହା ସଙ୍ଗେ ସଙ୍ଗେ ଅନ୍ତଃଦୃଷ୍ଟି ଓ ବାହ୍ୟଦୃଷ୍ଟିର କ୍ରିୟାସ୍ତରରେ ଆଦର୍ଶବାଦ ସମନ୍ୱିତ ସଂଯତ, ମର୍ଯ୍ୟାଦାଯୁକ୍ତ ଓ ଜନହିତକର କାର୍ଯ୍ୟରେ ନିଜକୁ ନିୟୋଜିତ କରିବ । ଫଳରେ ସମାଜ, ସଭ୍ୟତା, ସଂସ୍କୃତି ଆର୍ଦଶ ସ୍ଥାନୀୟ ରହିବ । ସେମାନେ ଉଚ୍ଚକୋଟିର ବିଜ୍ଞ ଜ୍ଞାନୀ ବ୍ୟକ୍ତି ରୂପେ ଶୋଭାପାଇ ସମସ୍ତଙ୍କ ଅନୁକରଣୀୟ ହେବେ । ପୂର୍ବକାଳରେ ଭାବନାରସ୍ତର ମହାନ ଉଦାରତା ଓ ବିବେକଶୀଳତାରେ ଏବଂ କ୍ରିୟାରସ୍ତର ଜନକଲ୍ୟାଣକାରୀ ଓ ଆର୍ଦଶ ରକ୍ଷାରେ ପରିପୂର୍ଣ୍ଣ ଥିଲା । ଉପରୋକ୍ତ ଆଧ୍ୟାତ୍ମିକ ପୁସ୍ତକର ସ୍ୱାଧ୍ୟାୟ ଓ ମନନ, ସତସଙ୍ଗ, ଆଧ୍ୟାତ୍ମିକ ଗୁରୁମାନଙ୍କ ଉପଦେଶ ଓ କାର୍ଯ୍ୟଧାରାର ପ୍ରଭାବ ଭାରତୀୟମାନଙ୍କୁ ସଦ୍‌ଭାବନା, ଆର୍ଦଶପୃଷ୍ଟ ବ୍ୟକ୍ତିତ୍ୱରେ ଗଢ଼ି ତୋଳୁଥିଲା । ଫଳରେ ସର୍ବତ୍ର ସୁଖଶାନ୍ତି, ପ୍ରଗତି, ସମୃଦ୍ଧିର ବାହୁଲ୍ୟ ଦୃଷ୍ଟିଗୋଚର ହେଉଥିଲା କିନ୍ତୁ ଆଜି ସୁଖ ସମୃଦ୍ଧି ଆଣି ଦେଇଥିବା ବ୍ୟବହାରିକ ବିଜ୍ଞାନର ଅଗ୍ରଗତି, ବିଭିନ୍ନ ବିଷୟରେ ଜ୍ଞାନାର୍ଜନ ଓ ସମ୍ବଳ ଦୃଷ୍ଟିରୁ ଆମେ ବର୍ତ୍ତମାନ ଅତୀତ ତୁଳନାରେ ଅଧିକ ସମୃଦ୍ଧ । ତେଣୁ ପୂର୍ବ ତୁଳନାରେ ଆମେ ବର୍ତ୍ତମାନ ଅଧିକ ଶାନ୍ତ, ପ୍ରସନ୍ନ, ସଫଳ ପୃଥିବୀରେ ବାସ କରିବା କଥା କିନ୍ତୁ ବର୍ତ୍ତମାନ ଯାହା ଘଟୁଛି ତାହା ସମ୍ପୂର୍ଣ୍ଣ ବିପରିତ ଧାରା । ତାର କାରଣ ଆମେ ପୂର୍ବ ଆଧ୍ୟାତ୍ମିକ ଆଦର୍ଶରୁ ଧୀରେ ଧୀରେ ବିଚ୍ୟୁତ ହେବାରେ ଲାଗିଛେ । ଆମର ବିଚାରଧାରା, ଭାବନାସ୍ତର ନିକୃଷ୍ଟରୁ ନିକୃଷ୍ଟସ୍ତର ଆଡ଼କୁ ଗତି କରିବାରେ ଲାଗିଛି । ଫଳରେ କ୍ରିୟା ଅବାଞ୍ଛନୀୟ ହେଉଛି । ଏହାହିଁ ଆଜିର ସାମାଜିକ ସ୍ଥିତି ବିପନ୍ନ ହେବାର ତାତ୍ତ୍ୱିକ କାରଣ । ସଭ୍ୟତା ଯେତେ ଆଗେଇଲେ ଓ ବିଜ୍ଞାନ ଯେତେ ପ୍ରଗତି ଆଣିଲେ ମଧ୍ୟ ଆଧ୍ୟାତ୍ମିକ ଚିନ୍ତାଧାରା ପରିପୃଷ୍ଟ ସଦଗୁଣଯୁକ୍ତ ସଦାଚାରୀ, ଉଦାର, ଜନକଲ୍ୟାଣ ଓ ମାନବୀୟ ଭାବନାରେ ଓତପ୍ରୋତ ଭାବେ ଜଡ଼ିତ ମାନବ ସମାଜ ନ ରହିଲେ ସେ ପ୍ରଗତି ମାନବ ସମାଜର ଅଶେଷ କ୍ଷତି କରିବ ଓ ପୃଥିବୀ କାଳକ୍ରମେ ଧ୍ୱଂସସ୍ତୁପରେ ପରିଣତ ହେବ । ଆମର ପୂର୍ବତନ ରାଷ୍ଟ୍ରପତି ଦାର୍ଶନିକ ଡ଼ା. ରାଧାକ୍ରିଷ୍ଣନଙ୍କ ଭାଷାରେ – ବିଜ୍ଞାନର ପ୍ରଗତି ସଙ୍ଗେ ସଙ୍ଗେ ତାକୁ ବ୍ୟବହାର କରୁଥିବା ମନୁଷ୍ୟ ସମାଜରେ ଆଧ୍ୟାତ୍ମିକ ଚେତନାର ବହୁଳ ପ୍ରସାରର ଆବଶ୍ୟକତା ରହିଛି । ଯଦି ଆମେ ବ୍ୟକ୍ତି, ସମାଜର ଉତ୍କର୍ଷର ବିଷୟ ଚିନ୍ତା କରିବା ତେବେ ତାହାର ମୂଳ ଆଧାର ଅଧ୍ୟାତ୍ମ ପ୍ରତି ଦୃଷ୍ଟିପାତ କରିବାକୁ ହେବ ।

ଆଗର 'ଆତ୍ମବତ୍ ସର୍ବଭୂତେଷୁ' ଏବଂ 'ବସୁଧୈବ କୁଟୁମ୍ବକଂ' ସୂତ୍ରଗୁଡ଼ିକୁ ସିଦ୍ଧାନ୍ତ ରୂପ ଦେବାକୁ ହେବ । ଅନ୍ୟ ପ୍ରତି ଭାବସମ୍ବେଦନଶୀଳତା ସୃଷ୍ଟି କରିବାକୁ ହେବ । ବର୍ତ୍ତମାନ ଅପରାଧ ଦ୍ରୁତଗତିରେ ଧାବମାନ ଏହା ପ୍ରକୃତରେ ଅର୍ଥ ଅଭାବରୁ ନୁହେଁ ବରଂ ଅଧ୍ୟାତ୍ମ ଅଭାବରୁ ବୃଦ୍ଧି ହେଉଛି । ନୀତିକାନ୍ତି, ଧର୍ମଧାରଣା, ସଦାଚାର, ସୁବିଚାର, ସମ୍ବେଦନଶୀଳତା ବନ୍ଧ ଭାଙ୍ଗିଗଲେ, ମନୁଷ୍ୟ ଈଶ୍ୱର, ପରଲୋକ ଓ ସୁନିର୍ଦ୍ଦିଷ୍ଟ କର୍ମଫଳ ଉପରେ ବିଶ୍ୱାସ ନ ରଖିଲେ, ଅନୀତି ଅନୁସରଣ କରି ତୁରନ୍ତ ଲାଭ ପଛରେ ଧାଇଁ ଅପରାଧ ପ୍ରବଣ ହେଲେ ତାହାକୁ ଆଉ କେହି ରକ୍ଷା କରିପାରିବେ ନାହିଁ । ରାଜଦଣ୍ଡ ଓ ସମାଜଦଣ୍ଡରୁ ମୁକୁଳିବା ପାଇଁ ସେ ନାନା ପ୍ରକାର ଫନ୍ଦିଫିକର ବାହାର କରିବ । ପରିସ୍ଥିତିକୁ ସାମନା କରି ଯୋଜନା ପ୍ରସ୍ତୁତପୂର୍ବକ ଗୁପ୍ତ ଓ ପ୍ରକଟଭାବରେ କୁକର୍ମକୁ ଆଗେଇ ନେଇ ଚାଲିବ । ଶେଷରେ ବିନଷ୍ଟ ହେବ । ସ୍ୱାସ୍ଥ୍ୟ ନଷ୍ଟ ହେବାର ପ୍ରକୃତ କାରଣ ହେଉଛି ସଂଯମହୀନତା । ସଂଯମହୀନତାରୁ

ଶରୀର ଓ ମନ ରୋଗଗ୍ରସ୍ତ ହୁଏ । ଶରୀର ବ୍ୟାଧି ମନ୍ଦିର ହୋଇଯାଏ । ଲୁଣ ହାଣ୍ଡିକୁ ଖାଇଯିବାଭଳି ଶରୀର ବ୍ୟାଧି ସଂଯମହୀନତା ଭୋଗୀର ଶରୀରକୁ ଜୀର୍ଣ୍ଣଶୀର୍ଣ୍ଣ କରିପକାଏ । ସେତେବେଳେ ଅଧ୍ୟାତ୍ମର ଦିଗଦର୍ଶନ ସଂଯମର ପ୍ରୟୋଜନ ମନେପଡ଼େ । ଆଧ୍ୟାତ୍ମିକ ମାର୍ଗର ପଥିକ ସଂଯମୀ ପୁରୁଷ/ସ୍ତ୍ରୀ ସବୁଦିନ ସୁଖ ଅନୁଭବ କରିଥାନ୍ତି । ସେଥିପାଇଁ ତ ଇନ୍ଦ୍ରିୟ ନିଗ୍ରହ, ତପସ୍ୟା, ଧ୍ୟାନ, ଧାରଣା, ଆତ୍ମସଂଯମ ରୂପରେଖରେ ବ୍ୟକ୍ତିଙ୍କୁ ଗଢ଼ିବା ପାଇଁ ବ୍ରହ୍ମଚର୍ଯ୍ୟାଶ୍ରମର ସୃଷ୍ଟି ଏହାହିଁ ଅଧ୍ୟାତ୍ମର ନିର୍ଦ୍ଦେଶ । କିନ୍ତୁ ଆଜିର ସମାଜ ତାଠାରୁ ବହୁ ଦୂରରେ, ସୁସ୍ଥ ନୀରୋଗ ରହିବା ପାଇଁ ମହର୍ଷି ପତଞ୍ଜଳିଙ୍କର ପ୍ରଦତ୍ତ ଅଷ୍ଟାଙ୍ଗ ଯୋଗତତ୍ତ୍ୱ ଯମ, ନିୟମ, ଆସନ, ପ୍ରାଣାୟମ, ପ୍ରତ୍ୟାହାର, ଧାରଣା, ଧାନ ଓ ସମାଧି ହେଉଛି ସାଧନା ଯାହାର ପ୍ରତିପାଳନରେ ମନୁଷ୍ୟ ଦୀର୍ଘାୟୁ ସୁସ୍ଥଜୀବନ ଯାପନ କରିବାର ଆମୋଘ ଅସ୍ତ୍ର ତାକୁ ସର୍ବଦା ପାଳନ କରିବା ଜରୁରୀ ଥିଲାବେଳେ ଆମେ ଆମ ପିଲାମାନଙ୍କୁ ସେ ଶିକ୍ଷା ଦେବାର ବ୍ୟବସ୍ଥା କରୁନାହୁଁ ।

ପ୍ରାଚୁର୍ଯ୍ୟ ବିତ୍ତ ଓ ଅନୁକୂଳ ପରିସ୍ଥିତି ମାନସିକ ଶାନ୍ତିର ଆଧାର ବୋଲି ଆମେ ଡିଣ୍ଡିମ ପିଟୁ କିନ୍ତୁ ଏଥିରେ ସତ୍ୟତା ନାହିଁ । ଯଦି ଏମିତି ହୁଅନ୍ତା ବିତ୍ତଶାଳୀ ଲୋକଙ୍କ ଅବସ୍ଥା ସନ୍ତୋଷ, ସୁଖଶାନ୍ତିରେ ପରିପୂର୍ଣ୍ଣ ହୋଇ ରହନ୍ତା । ଏପରି ହୁଏ କି ? ବିବେକହୀନ ଧନବାନ ଲୋକମାନେ ସୁଦ୍ଧା ସମସ୍ୟା, ଚିନ୍ତା, ଆଶଙ୍କା, ଅଭାବ ଓ ଉଦ୍‌ବେଗର ଜ୍ୱାଳାରେ ଦଗ୍ଧିଭୁତ ହୁଅନ୍ତି କିନ୍ତୁ ଅଧ୍ୟାତ୍ମ ମାର୍ଗକୁ ଅନୁସରଣ କରୁଥିବା ବିଚାରଶୀଳ ଲୋକମାନେ ଦରିଦ୍ର ଅବସ୍ଥାରେ ରହିସୁଦ୍ଧା ବସ୍ତୁବାଦୀ ଚିନ୍ତାଧାରା ସମ୍ପନ୍ନ ଧନବାନ ତୁଳନାରେ ଅଧିକ ବ୍ୟବସ୍ଥିତ ଜୀବନଯାପନ କରନ୍ତି ।

ସମାଜରେ ମନୁଷ୍ୟ ଜୀବନର ପ୍ରତ୍ୟେକ କ୍ଷେତ୍ର ବର୍ତ୍ତମାନ କଣ୍ଟକମୟ ଓ ନାନା ଅସୁବିଧାରେ ପରିପୂର୍ଣ୍ଣ । ଶରୀର ରୁଗ୍ଣ, ମନ ଅଶାନ୍ତ ରହୁଛି । ପାରିବାରିକ ଅବସ୍ଥା ଓ ସାମାଜିକ ଅବସ୍ଥା ଉଦ୍‌ବିଗ୍ନତା ଓ ବିକ୍ଷୁବ୍ଧତାରେ ଆନ୍ଦୋଳିତ ହେଉଛି । ଧନର କୃତ୍ରିମ ଅନାଟନ ଦେଖାଯାଉଛି । ପ୍ରଗତି ଆଣିଥିବା ବିଜ୍ଞାନ ଘାତକ ସାଜିଛି । ରାଜନୀତିରେ, ଅନୀତି, ଦୁର୍ନୀତି, କୁଟିଳତା ବିସ୍ଫୋରଣ ସୃଷ୍ଟି କରୁଛି । ଧର୍ମରେ ଅଧର୍ମର ପ୍ରାଦୁର୍ଭାବ, ଜଞ୍ଜାଳ ଦୃଷ୍ଟିଗୋଚର ହେଉଛି । ଶିକ୍ଷା ଅନୁପଯୁକ୍ତ ହେଉଥିବାରୁ ଆଦର୍ଶ ମାନବୀୟଗୁଣର ବ୍ୟକ୍ତିତ୍ୱ ସମାଜରେ ସୃଷ୍ଟି ହୋଇପାରୁନାହାନ୍ତି । ଯେ କୌଣସି କ୍ଷେତ୍ରକୁ ନଜର ପକାଇଲେ ସେଠାରେ ସମସ୍ୟା ଓ ସଙ୍କଟବହୁଳ ବିଭୀଷିକା ଦୃଷ୍ଟିଗୋଚର ହେଉଛି, ସତେ ଯେମିତି ସୁଖ ଓ ଶାନ୍ତିର ସମସ୍ତ ଆଧାରଶିଳା ଦୁଃଖ ଦୈନ୍ୟରେ ରୂପାନ୍ତରିତ ହେଉଛି । ଏଇ ବିଡ଼ମ୍ବନାର ଏକମାତ୍ର କାରଣ ଅଧ୍ୟାତ୍ମ ପ୍ରତି ଆମର ଅଣଦେଖା ବା ଉପେକ୍ଷାଭାବ । ଅଧ୍ୟାତ୍ମ ଜୀବନର ପ୍ରକୃତ ପ୍ରାଣକେନ୍ଦ୍ର । ଯେଉଁ କ୍ଷେତ୍ରରେ ଏହା ଉପେକ୍ଷିତ ଓ ତିରସ୍କୃତ ହେବ, ଯେଉଁ କ୍ଷେତ୍ରରୁ ଏହାକୁ ବହିଷ୍କାର କରାଯିବ ସେ କ୍ଷେତ୍ରରେ ନିଶ୍ଚିତଭାବେ ବିପଦ ବିପତ୍ତି ଉତ୍ପନ୍ନ ହେବ ହିଁ ହେବ । ଯେପରି ଜଳ ବିନା ମାଛ ବଞ୍ଚିନପାରେ । ଆଜିର ଯୁଗରେ ଶ୍ମଶାନ ସମ ସର୍ବବ୍ୟାପୀ ଜ୍ୱଳନ ପଛରେ ଏଇ ଗୋଟିଏ ମାତ୍ର କାରଣ ଯାହାକି ମାନବ ସୃଷ୍ଟ । ଏହାର ନିରାକରଣ ପାଇଁ ଅଧ୍ୟାତ୍ମକୁ ସମାଜରେ ପୂର୍ଣ୍ଣପ୍ରବେଶ କରାଇଲେ ଅନୈତିକ ତଥା ଅସାମାଜିକ ଅବସ୍ଥା ଓ ବ୍ୟବସ୍ଥା ତିଆରି କରୁଥିବା କାରଣ ବାରଣ ହୋଇଯିବ ବ୍ୟକ୍ତିର ଅବାଞ୍ଛନୀୟ କର୍ମ ଓ ଅନୁପଯୁକ୍ତ ଚିନ୍ତା କରିବାର କୌଣସି ଆଧାର ରହିବ ନାହିଁ । ଅନାବଶ୍ୟକ ଧନ ଠୁଳ କରିବାର ସୁଯୋଗ ନଥିଲେ କେହି କ'ଣ ଚୋରି କରିବାକୁ ଇଚ୍ଛା କରିବ ଓ ଠକାମି କରିବାକୁ ଚିନ୍ତା କରିବ ? ପ୍ରତିଯୋଗିତା କରି ବିଳାସ ଦେଖେଇହେବା ସୁଯୋଗ ନଥିଲେ କୁ ପ୍ରବୃତ୍ତି ବଞ୍ଚିବ ବା କେମିତି ? ସବୁଆଡ଼ୁ ଯେତେବେଳେ ଆତଙ୍କ ଓ ଅନାଚାରକୁ ଭର୍ତ୍ସନା ଓ ତାଡ଼ନା କରିବାର ପ୍ରକ୍ରିୟା ଚାଲୁହୋଇଯିବ ସେତେବେଳେ ସମାଜରେ ଗୁଣ୍ଡାମି, ଭାଣ୍ଡାମି ଓ ଅସାମାଜିକ କର୍ମ ବଢ଼ିବାର ସୁଯୋଗ ରହିବ ନାହିଁ । ଅଧ୍ୟାତ୍ମ ପ୍ରଭାବରେ ଯେତେବେଳେ ଆଚାର ବିଚାର, ବ୍ୟବହାରରେ ପ୍ରେମ, ସଂଯମ, ସହଯୋଗ, ସମ୍ବେଦନଶୀଳତା, ସମନ୍ୱୟ, ସହିଷ୍ଣୁତା ଓ ବୁଦ୍ଧିମତ୍ତାର ସମାବେଶ ହେବ ସେତେବେଳେ ପ୍ରତ୍ୟେକ ମନୁଷ୍ୟ ଜନ୍ମଜାତ ସଂସ୍କାର ରୂପେ ଏ ସବୁ ଗୁଣର ଅଧିକାରୀ ହେବେ ଓ ବିଘଟନାତ୍ମକ ଦିଗରେ ନିୟୋଜିତ ଶକ୍ତି ରଚନାତ୍ମକ ଦିଗରେ ସଂଲଗ୍ନ ହୋଇ ଏ ବିକ୍ଷୁବ୍ଧ ଧରଣୀ ପୃଷ୍ଠରେ ସ୍ୱର୍ଗୀୟ ପରିସ୍ଥିତି ସୃଷ୍ଟିହେବ । ସର୍ବଦା ମନେ ରଖିବାକୁ ହେବ ଯେ ମୁନିଋଷିମାନଙ୍କ ଆବିଷ୍କୃତ ଓ ଦତ୍ତ ଅଧ୍ୟାତ୍ମ ଏପରି ଏକ ତଥ୍ୟ, ଆମୋଘ ଅସ୍ତ୍ର ଯାହା ଉପରେ ମାନବକଲ୍ୟାଣର ଆଧାର ଶିଳା ପ୍ରତିଷ୍ଠିତ । ଆମର ସମ୍ପନ୍ନ ଅବସ୍ଥା, ସମୃଦ୍ଧି, ଶାନ୍ତି, ସାମର୍ଥ୍ୟ ଓ ପ୍ରଗତିର ଏକମାତ୍ର ଅବଲମ୍ବନ ହେଉଛି ଅଧ୍ୟାତ୍ମ । ଏହାକୁ ଆପଣେଇ ନେଲେ ଆମ ଦୃଷ୍ଟିକୋଣରେ ଉତ୍କୃଷ୍ଟତା ଓ ଆଦର୍ଶବାଦିତାର ସମନ୍ୱୟ ଘଟିବ ଓ ଆମ ବିକ୍ଷୁବ୍ଧ ସମାଜ ଶାନ୍ତ ହେବ । ଆଜିର ଦିନରେ ଏହା ସମସ୍ତଙ୍କ ଧ୍ୟେୟ ହେଉ ଓ ସ୍ମରଣ ରହୁ ଏହାହିଁ ଐକାନ୍ତିକ ଭାବେ କାମନା ।

*ମହାବୀର ଲେନ୍, ବାଦାମବାଡ଼ି, କଟକ-୧୨*

RNI No. : ODIODI/2015/64435 • P.R. No. : CK(C)/96/2022-2024 • www.pracheenews.com

## ନୂତନ ସୂର୍ଯ୍ୟାଲୋକର ଆହ୍ୱାନ

# ପ୍ରାଚୀ

ଉଦୟ ହେବରେ ନୂତନ ସୂର୍ଯ୍ୟ
ଲୋହିତ ହେଲାଣି ପ୍ରାଚୀ
ଏଇ ପ୍ରଭାତରେ ଗାଣ୍ଡୀବ ତୋର
ତୋଳରେ ସବ୍ୟସାଚୀ !
ପରାଧୀନତାର ଯେଉଁ ଅନ୍ଧାର
ଘୋଟିଥିଲା ଆଜିଯାଏ,
ସେହି ଅନ୍ଧାର ବକ୍ଷ ବିଦାରି
ମୁକ୍ତିର - ରାତି ପାହେ ।
ଉଜାଡ଼ି ନଦେଲେ ସ୍ୱାର୍ଥକୁ ତୋର
ସଜାଡ଼ି ହେବନି ଦେଶ,
ନାଚରେ ନାଚ ତାଣ୍ଡବ ଆଜି
ଧରରେ ରୁଦ୍ର ବେଶ ।
ନୂତନ ବିଶ୍ୱ ଭଗୀରଥ ତୁମେ
ଆଣରେ ମନ୍ଦାକିନୀ,
"ଜାଗରେ ନବୀନ ତରୁଣ" ଇଏ -
ପ୍ରାଚୀର ଉଦ୍‌ବୋଧନୀ ।
ଗଣତନ୍ତ୍ରର ଛାତତଳେ ଚାଲେ
ପୁଞ୍ଜିବାଦର ରାଜ୍,
ଭୋକୀ ଜନତାର ସମାଧି ଉପରେ
ଆଧିପତ୍ୟର ତାଜ୍ ।
କାହାର ବିକାଶ ? କାହାର ପ୍ରଗତି ?
କାହାର ଏ ଉତ୍‌ଥାନ ?
କାହାପାଇଁ ଏଇ କଳ-କାରଖାନା
କାପାଇଁ ଉତ୍ପାଦନ ?
ମାଟିର ମଣିଷ ମାଟିରେ ପଡ଼ିଛି
ଉଦରେ ଭରିଛି ଭୋକ,
କାହିଁକି ବାଜିଲା ବୁକୁରେ ପାଷାଣ
କିଏ ଦେଲା ତାକୁ ଶୋକ ?
କୋକିଳ କଣ୍ଠୁ କୁହୁ ଶୁଭୁନାହିଁ
କୁସୁମରେ ନାହିଁ ବାସ,
ମାୟା-ମରୀଚିକା-ଅଗ୍ନିଗର୍ଭେ
ମଣିଷ ଦେଉଛି ଝାସ ।
ଧର୍ମ ନାମରେ ସାମ୍ପ୍ରଦାୟିକ-
ବାଦ କରେ ଷଡ଼ଯନ୍ତ୍ର,
ମଣିଷ ପଢୁଛି ମଣିଷର ପାଇଁ
ମଣିଷ-ମାରିବା-ମନ୍ତ୍ର ।
କାହିଁକି ଶୁଖିଛି ଧରଣୀର ମୁଖ
ପଚାରେ ଆଜି 'ପ୍ରାଚୀ' ?
ଉତ୍ତର ଦିଅ ଉତ୍ତର ଦିଅ,
ଆଜି ଏ ପ୍ରଶ୍ନବାଚୀ ?
ମତ୍ତବାରଣ - ଚିତ୍ତରେ ଆଜି
ପଟୁଆର ତୋର ସଜା,
ଅତ୍ୟାଚାରୀର ଗଳା କାଟିବାକୁ
ହତିଆର ତୋର ପଜା ।
ତୋ' ଭିତରର କ୍ରାନ୍ତି ଚେତନା
ହେଉ ଆଜି ପ୍ରତିଭାତ,
ଆସୁ ପଛେ ଯେତେ ଝଞ୍ଜା, ତୋଫାନ
ଆସୁ ଯେତେ ପ୍ରତିଘାତ ।
ଜନମ ନେଇଛ ମରିବାକୁ ହେବ
ଦିନେ ଏଇ ଦୁନିଆରେ
ମରିବା ଆଗରୁ ପ୍ରାଚୀର ସ୍ରୋତରେ
ମିଶିଯାଅ ଆସି ଥରେ ।
ଜାଗରେ ସବ୍ୟସାଚୀ !
ନୂଆବିଶ୍ୱର ଅଭିଷେକ ହେବ
ଘୋଷଣା କଲାଣି 'ପ୍ରାଚୀ'

ସମ୍ପାଦକ : ଡଃ. ବିଭୁଦତ୍ତ ଖଣ୍ଡାୟତରାୟ